**ନୀଳାଚଳ ବିଶେଷ ଟ୍ରେନ୍‌ର ସାମୟିକ ମାର୍ଗ ପରିବର୍ତ୍ତନ**

**ଭୁବନେଶ୍ୱର:** ପୁରୀ-ଆନନ୍ଦ ବିହାର-ପୁରୀ ନୀଳାଚଳ ବିଶେଷ ଟ୍ରେନ ସାମୟିକ ଭାବେ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ। ଉତ୍ତର ରେଳପଥର ଲକ୍ଷ୍ନୌ-ରାଏବରେଲି-ପ୍ରତାପଗଡ଼-ବାରାଣସୀ ରେଳମାର୍ଗର ଗଙ୍ଗାଗଞ୍ଜ, ରାଏବରେଲି ଓ ରୂପମାଉ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ଯୋଗୁ ରାଏବରେଲିଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଏହି ପଦକ୍ଷେପ ନିଆଯାଇଛି। ୦୨୮୭୫-୦୨୮୭୬ ପୁରୀ-ଆନନ୍ଦ ବିହାର-ପୁରୀ ନୀଳାଚଳ ବିଶେଷ ଟ୍ରେନ ଉଭୟ ପୁରୀ ଓ ଆନନ୍ଦ ବିହାର ପାର୍ଶ୍ୱରୁ ଅଗଷ୍ଟ ମାସ ୩୧ ତାରିଖ ଏବଂ ସେପ୍ଟେମ୍ବର ୩, ୫, ୭,୧୦ ଓ ୧୨ ତାରିଖରେ ଆମେଠି, ଗୌରୀଗଞ୍ଜ ଓ ରାଏବରେଲି ଷ୍ଟେସନରେ ରହଣି ନ କରି ପରିବର୍ତ୍ତିତ ମାର୍ଗ ପ୍ରତାପଗଡ଼-ସୁଲତାନପୁର-ଲକ୍ଷ୍ନୌ ମାର୍ଗ ହୋଇ ଚଳାଚଳ କରିବ।

# ‘ଗୁରୁଜୀ’ଙ୍କ ଗିରଫ ଦାବି ତେଜୁଛି



ଏସ୍‌ପି ଅଫିସ୍ ଆଗରେ ବିଭିନ୍ନ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ୧୧ ଅନୁଷ୍ଠାନ ପକ୍ଷରୁ ଏସ୍‌ପି ଓ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ
- ଗାଁ ଛାଡ଼ିଥିବା ପରିବାରଙ୍କୁ ଭେଟିଲା ପୋଲିସ

**ଖୋର୍ଦ୍ଧା ଅଫିସ,୩୧।୮**

ମାନବବାଦ ସଙ୍ଗଠନ ନାଁରେ ତାଲିବାନୀ ଶାସନ ଚଳାଇଥିବା ତଥାକଥିତ ଗୁରୁଜୀ ମାନସ ଦାସଙ୍କ ଗିରଫ ଦାବି ଜୋର ଧରିଛି। ମଙ୍ଗଳବାର ମାନସଙ୍କ ଗିରଫ ଦାବିରେ ୧୧ଟି ଆଦିବାସୀ ଓ ସାମାଜିକ ଅନୁଷ୍ଠାନ ଏସ୍‌ପି ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ, ଏକଲବ୍ୟ ଶବର ସଂଘ, ନୀଳମାଧବ ଆଦିବାସୀ ସଂଘ, ଅଲଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, ନୟାଗଡ଼ ଜିଲା ଶବର ସଂଘ, ରାଜ୍ୟ ଆମ୍ବେଦକର ବିଚାର ମଞ୍ଚ, ଖୋର୍ଦ୍ଧା ଜିଲା ଶବର ସଂଘ, ବହୁଜନ ଏକତା ପରିଷଦ, ବିଶ୍ୱାବସୁ ଶବର ସଂଘ, ଦାଣ୍ଡିମାଳ ସେବକ ସଂଘର କର୍ମକର୍ତ୍ତାମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ମାନସଙ୍କ ବିରୋଧରେ ଗର୍ଜିଥିଲେ। ଅନ୍ୟପଟେ ସଙ୍ଗଠନର ନିର୍ଯାତନା ସହି ନ ପାରି ଗାଁ ଛାଡ଼ି ଜଙ୍ଗଲରେ ଜୀବନ ବିତାଉଥିବା ଡାଳତୋଳା ଉପରସାହିର ୬ ପରିବାରଙ୍କୁ ପୋଲିସ ଭେଟି ସେମାନଙ୍କ ବୟାନ ରେକର୍ଡ କରିଛି। ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ସଦର ଥାନାଧିକାରୀ ଅନିତା ସାହୁଙ୍କ ସମେତ ଏକ ଟିମ୍ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ମିଶ୍ର କହିଛନ୍ତି, ୨୦୧୪ରେ କାଜୁ ଜଙ୍ଗଲ ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷର କେତେଜଣ ଗିରଫ ହୋଇଥିଲେ। ଉକ୍ତ ଘଟଣା ପର ଠାରୁ ଏହି ପରିବାର ଗ୍ରାମରୁ ଆସି ଏଠାରେ ରହୁଛନ୍ତି। ତେବେ ଏସ୍‌ଡିପିଓଙ୍କ ବୟାନକୁ ନେଇ ଗାଁ ଛାଡ଼ି ଆସିଥିବା ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଓଡ଼ିଶାରୁ ଆସାମ ଯାଏ ସଙ୍ଗଠନ ଟେର

ଜନକଲ୍ୟାଣ ପାଇଁ ମାନବବାଦ ସଙ୍ଗଠନର ଉତ୍ପତ୍ତି। ୧୯୯୯ରୁ ଏହି ସଙ୍ଗଠନ କାର୍ଯ୍ୟ କରୁଛି। ମୁଁ କେବେ ନିଜକୁ ଗୁରୁଜୀ ବୋଲି କହିନାହିଁ। ଓଡ଼ିଶାରୁ ଆସାମ ପର୍ଯ୍ୟନ୍ତ ସଙ୍ଗଠନ କାର୍ଯ୍ୟ କରୁଛି। ବିଭିନ୍ନ ସଙ୍ଗଠନ ଆଣିଥିବା ଅଭିଯୋଗ ଭିତ୍ତିହୀନ। କୌଣସି ନିର୍ଯାତନା, ହତ୍ୟାକାଣ୍ଡରେ ତାଙ୍କର ସମ୍ପୃକ୍ତି ନାହିଁ ବୋଲି ଖୋର୍ଦ୍ଧା କୋର୍ଟକୁ ଏକ ମାମଲାରେ ଆସିଥିବା ଅବସରରେ ମାନବବାଦ ସଙ୍ଗଠନର ମୁଖ୍ୟ ମାନସ ଦାସ କହିଛନ୍ତି।

### ଭାଇସାହେବରୁ ଗୁରୁଜୀ

ମାନବବାଦ ସଙ୍ଗଠନରେ ମିଶିବା ପାଇଁ ମାନସଙ୍କ ସମର୍ଥକମାନେ ଗାଁ ଗାଁ ବୁଲି ଆଦିବାସୀଙ୍କୁ ଏକତ୍ରିତ କରିଥାନ୍ତି। ପରେ ସେମାନଙ୍କୁ ଭୁବନେଶ୍ୱର ନିଆଯାଇଥାଏ। ସେଠାରେ ଆଦିବାସୀଙ୍କ ଉପରେ ପର୍ଯ୍ୟବେସିତ ଡକ୍ୟୁମେଣ୍ଟାରି ଫିଲ୍ମ ଦେଖାଯାଇଥାଏ। ଆଦିବାସୀମାନେ ସବୁବେଳେ ଅବହେଳିତ। ମାନବବାଦ ସଙ୍ଗଠନ ତମମାନଙ୍କ ପାଇଁ କାମ କରିବ ବୋଲି ମାନସ କହିଥାନ୍ତି। ପ୍ରଥମେ ତାଙ୍କୁ ଭାଇସାହେବ ବୋଲି ସମ୍ବୋଧନ କରାଯାଉଥିଲା। ପରେ ତାଙ୍କୁ ଗୁରୁଜୀ ଡାକିବାକୁ କହିଥିଲେ ବୋଲି ଜଣେ ଅଭିଯୋଗକାରୀ କହିଛନ୍ତି।

### ମିଶନାରୀ ସଂସ୍ଥା ସମ୍ପୃକ୍ତି ଅଭିଯୋଗ

ତଥାକଥିତ ଗୁରୁଜୀ ଓରଫ ମାନସ କୌଣସି ମିଶନାରୀ ସଂସ୍ଥା ସହ ଜଡ଼ିତ ଅଛନ୍ତି। ସେଠାରୁ ବହୁତ ଅର୍ଥ ପାଉଛନ୍ତି। ସେମାନଙ୍କ ପ୍ରରୋଚନାରେ ହିନ୍ଦୁ ସଂସ୍କୃତି ବିରୋଧୀ କାର୍ଯ୍ୟ କରୁଛନ୍ତି। ଏପରିକି ଏହି ସଙ୍ଗଠନକୁ କେହି ରାମପାଲ୍‌ଙ୍କ ଗୋଷ୍ଠୀ ମଧ୍ୟ କହୁଛନ୍ତି। ଏହାର ତଦନ୍ତ ସାପେକ୍ଷ ବୋଲି ଖୋର୍ଦ୍ଧା ଜିଲା ହିନ୍ଦୁ ଜାଗରଣ ମଞ୍ଚ ଜିଲାପାଳ ଏବଂ ଏସ୍‌ପିଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କିଛି ବର୍ଷ ପୂର୍ବେ ଚୋଟିପାଳଙ୍ଗ, ନିଆମୁହିଁ, କୁଞ୍ଜାରୀ, ସାଆନ୍ତରା, ଦଧିମାଛଗାଡିଆ, ଖୋର୍ଦ୍ଧା ନଗର ସ୍ଥିତ ବଧା ସବର ସାହି, ଚାଚରା ଆଦିବାସୀ ଗ୍ରାମରେ ସାମାଜିକ ବିଭେଦ, ହତ୍ୟା, ଲୁଣ୍ଠନ, ଗୃହଦାହ ଆଦି କରାଇଛନ୍ତି। ସେ ସବୁ ଅସାମାଜିକ କାର୍ଯ୍ୟରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ମାନସ ସାମିଲ ଅଛନ୍ତି ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି। ସାମାଜିକ ସନ୍ତୁଳନ ଏବଂ ନିରୀହ ଆଦିବାସୀଙ୍କ ସୁରକ୍ଷା ପାଇଁ ତୁରନ୍ତ ମାନସଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି।

### ଅଭିଯୁକ୍ତଙ୍କ ହେବ ପଲିଗ୍ରାଫ ଟେଷ୍ଟ

ବେଗୁନିଆ ଥାନା କଡ଼ବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରିରେ ମାଡ଼ ମରାଯିବା ଭିଡିଓ ଭାଇରାଲ ଘଟଣାରେ ସମ୍ପୃକ୍ତି ଥିବା ୬ଜଣ ଅଭିଯୁକ୍ତ ପୂର୍ବରୁ ଅଭିମାନପୁର ସତ୍ୟବ୍ରତ ନାୟକ ହତ୍ୟାକାଣ୍ଡରେ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ଅଭିଯୁକ୍ତମାନଙ୍କୁ ମାଗୁଣିଙ୍କୁ ମାଡ଼ ମରାଯିବା ଘଟଣାରେ ଅନ୍ତର୍ଭୁକ୍ତ(ଟ୍ୟାଗ) କରିବା ପାଇଁ କୋର୍ଟଙ୍କୁ ନିବେଦନ କରାଯାଇଛି। ଏଥିସହ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯାଇଛି। ଏହି ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତା’ର ଖୋଲତାଡ଼ କରାଯିବ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଏସ୍‌ପି ରାଜକିଶୋର ଦୋରା କହିଛନ୍ତି।

### ପୀଡ଼ିତଙ୍କୁ ଭେଟିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା

ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ତରାଇଙ୍କ ନେତୃତ୍ୱରେ ଏକ ଟିମ୍ ମାନବବାଦ ସଙ୍ଗଠନ ଦ୍ୱାରା ନିର୍ଯାତିତ ପରିବାକୁ ଭେଟିଥିଲେ। ଅଭିମାନପୁର ଗାଁର ସତ୍ୟବାନ ନାୟକଙ୍କ ହତ୍ୟାକାଣ୍ଡ ଏବଂ କଡ଼ବ ଗାଁର ମାଗୁଣି ଏବଂ ତାଙ୍କ ପୁଅ ଆନନ୍ଦଙ୍କୁ ନିର୍ଯାତନା ଦେବା ଘଟଣାର ଅନୁସନ୍ଧାନ କରିଛନ୍ତି। ପୀଡ଼ିତଙ୍କ ପରିବାରଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ସିବିଆଇ ତଦନ୍ତ ଦାବି କରିଛନ୍ତି। ଏହି ଟମ୍ ଏସ୍‌ପି ରାଜକିଶୋର ଦୋରାଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଏହି ଟିମ୍‌ରେ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ଶିବ ପ୍ରସାଦ ମଲିକା, ରବି ବେହେରା, ଜଗନ୍ନାଥ ବେହେରା, ଶ୍ରୀରଞ୍ଜନ ମଙ୍ଗରାଜ ସାମିଲ ଥିଲେ।

### ମାଓବାଦୀଙ୍କ ଭଳି ରହିଛନ୍ତି କ୍ୟାଡର

ମାନସ ଦାସ ମାଓବାଦୀଙ୍କ ଭଳି କ୍ୟାଡର ସଙ୍ଗଠନ ଚଳାଇଛନ୍ତି। ଗ୍ରାମାଞ୍ଚଳଠାରୁ ଜିଲାସ୍ତର ପର୍ଯ୍ୟନ୍ତ କର୍ମକର୍ତ୍ତା ନିୟୋଜିତ ଅଛନ୍ତି। ମାନସଙ୍କ ଇଙ୍ଗିତରେ ସଙ୍ଗଠନର ସଦସ୍ୟମାନେ ସମସ୍ତ କାର୍ଯ୍ୟ କରିଥାନ୍ତି। ତାଙ୍କ କଥା ନ ମାନିଲେ ମାଡ଼ ମରାଯିବା ସହ ଗାଁ ବାସନ୍ଦ କରାଯାଉଛି ବୋଲି ସଙ୍ଗଠନ ଦ୍ୱାରା ନିର୍ଯାତିତ ଜଣେ ଅଭିଯୋଗକାରୀ କହିଛନ୍ତି।

# ‘ପରିବହନ କ୍ଷେତ୍ରରେ ଆଇଟି ନବସୃଜନ ପାଇଁ ବ୍ୟାପକ ସୁଯୋଗ’

**ଭୁବନେଶ୍ୱର,୩୧।୮**

କରୋନା ମହାମାରୀ ଯୋଗୁ ପରିବହନ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହା ରାଜ୍ୟର ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ କମ୍ପାନୀ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକ ଲାଗି ନବସୃଜନ ନିମନ୍ତେ ବ୍ୟାପକ ସୁଯୋଗ ସୃଷ୍ଟି କରିଛି ବୋଲି ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ସଚିବ ମନୋଜ କୁମାର ମିଶ୍ର କହିଛନ୍ତି।

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ଓଡ଼ିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ସୂଚନା ପ୍ରଯୁକ୍ତି ଇ-ସମ୍ମିଳନୀରେ ଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ପରିବହନ କ୍ଷେତ୍ରର ସମସ୍ୟା ଅନ୍ୟ କ୍ଷେତ୍ରକୁ ପ୍ରଭାବିତ କରିଛି। ପରିବହନ ନ ଥିଲେ ପର୍ଯ୍ୟଟନର କୌଣସି ଅର୍ଥ ନାହିଁ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ କେବଳ ପରିବହନ କ୍ଷେତ୍ର ନୁହେଁ ବରଂ ଏହା ଦ୍ୱାରା ପ୍ରଭାବିତ ଅନ୍ୟ କ୍ଷେତ୍ରର ସୁଯୋଗ ଉପରେ ମଧ୍ୟ ବିଚାର କରିବାକୁ ପଡ଼ିବ। ସେହି ଅନୁସାରେ ସମସ୍ୟା ସମାଧାନ କରିବା ଲାଗି ଉତ୍ପାଦ ଓ ସେବା ବିକଶିତ କରିବାକୁ ପଡ଼ିବ। ଦେଶରେ ବ୍ୟବହାର ହେଉଥିବା ୯୫% ଡାଟା ମୋବାଇଲ୍ ଜରିଆରେ ବ୍ୟବହାର ହେଉଥିବାରୁ କୌଣସି ନବସୃଜନ କରିବା ବେଳେ ଏହି ବିଷୟ ବିଚାରକୁ ନେବାକୁ ସେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଭାରତୀୟ ସଫ୍ଟୱେର ଟେକ୍ନୋଲୋଜି ପାର୍କ (ଏସ୍‌ଟିପିଆଇ)ର ନିର୍ଦ୍ଦେଶକ ମାନସ ପଣ୍ଡା କହିଛନ୍ତି, ମହାମାରୀ ପ୍ରଭାବ ଯୋଗୁ ସାରା ଦୁନିଆରେ ସୂଚନା ପ୍ରଯୁକ୍ତିର ଗ୍ରହଣୀୟତା ବୃଦ୍ଧି ପାଇଛି। କୋଜେଣ୍ଟ୍‌ସ୍ ଟେକ୍ନୋଲୋଜିସ୍‌ର ସିଇଓ ଦେବେଶ ସିହ୍ନା କହିଛନ୍ତି, ସମ୍ପ୍ରତି ଆମକୁ ବ୍ୟବସାୟ ନିରନ୍ତରତା ବଜାୟ ରଖିବା ଓ ସମୃଦ୍ଧ ହେବା ଲାଗି ବ୍ୟବସାୟ ମଡେଲରେ ପରିବର୍ତ୍ତନ ଆଣିବାକୁ ହେବ। କାର୍ଯ୍ୟକ୍ରମରେ ଆଇସିସି ଆଇଟି କମିଟିର କନ୍‌ଭେନର ଅବନିସ ନାୟକ, ସିଏସଏମ୍ ଟେକ୍ନୋଲୋଜିର ସିଇଓ ପ୍ରିୟଦର୍ଶୀ ନାନୁ ପାଣି, ଇନ୍‌ଫୋସିସ୍‌ର ଭାଇସ ପ୍ରେସିଡେଣ୍ଟ ପ୍ରଭାତ କେ. ଦାସ୍, ଫାଇଣ୍ଡରଶିପ ସହ ପ୍ରତିଷ୍ଠାତା ସନ୍ତୋଷ ପଣ୍ଡା, ସିଲିକନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ପ୍ରିନ୍ସିପାଲ ଜୟଦୀପ ତାଲୁକଦାର, ଆପୋଲୋ ହସ୍ପିଟାଲର ସିଆଇଓ ଅରବିନ୍ଦ ସିଭରାମକ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳିକା ୧୯୫୯
ପବିତ୍ର ଗଣେଶ ପୂଜା ଓ ନୂଆଖାଇ ପର୍ବ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ବିଶେଷ ରିହାତି
୧୦%+୨୦%
ହସ୍ତତନ୍ତ ସାମଗ୍ରୀ ଉପରେ
୧୦%
ହସ୍ତଶିଳ୍ପ ସାମଗ୍ରୀ ଉପରେ
ତା. ୧୧.୦୯.୨୦୨୧ ପର୍ଯ୍ୟନ୍ତ ସମସ୍ତ ଉତ୍କଳିକା ଶାଖାରେ ଉପଲବ୍ଧ
ପରିଦର୍ଶନ କରନ୍ତୁ ଉତ୍କଳିକା ଅନ୍‌ଲାଇନ୍
www.utkalikaodisha.com
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ସମ୍ବଲପୁରୀ ବସ୍ତ୍ରାଳୟ
ମେଗା କ୍ଲିୟରେନ୍ସ ସେଲ୍
ସ୍ଥାନ: ୧. କଲ୍ୟାଣ ମଣ୍ଡପ, ବରଗଡ଼, ୨. ଖଣ୍ଡାଡ଼ିପ ଛକ, ରେଢ଼ାଖୋଲ, ୩. ଅଗ୍ନିଶିଖା ପ୍ରେସ୍, ଗେଟିରୋଡ୍, ସମ୍ବଲପୁର
ସରକାରୀ ରିହାତି
20%+20%
ଏହି ରିହାତି କେତେକ ସ୍ୱତନ୍ତ୍ର ଲୁଗା ଉପରେ ଉପଲବ୍ଧ ଅଟେ ।
ଅବଧି
ତା୦୧।୦୯।୨୦୨୧ ରୁ ତା୦୮।୦୯।୨୦୨୧ ପର୍ଯ୍ୟନ୍ତ
ଏତଦ୍ ବ୍ୟତୀତ ସମିତିର ସମସ୍ତ ବିକ୍ରୟ କେନ୍ଦ୍ରମାନଙ୍କରେ
10%+20%
ସରକାରୀ ରିହାତିର ସୁଯୋଗ ନିଅନ୍ତୁ ।
ଅନ୍‌ଲାଇନ ବିକ୍ରୟ ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ ।
www.sambalpuribastralaya.com


## UNION PUBLIC SERVICE COMMISSION
## PROGRAMME OF EXAMINATIONS/RECRUITMENT TESTS (RTs) - 2022

**No.22/3/2021-E.I(B) - The Commission's Programme of Examinations and Recruitment Tests (RTs) for the year 2022 is given below for the information of candidates. The annual calendar has also been placed on the Commission's website (www.upsc.gov.in). Aspirants and candidates are advised to retain this advertisement for use as a ready reckoner for applying for the Commission's Examinations in 2022.**

| S. No. | Name of Examination | Date of Notification | Last Date for receipt of Applications | Date of commencement of Exam | Duration of Exam |
|---|---|---|---|---|---|
| 1. | Engineering Services (Preliminary) Examination, 2022 | 22.09.2021 | 12.10.2021 | 20.02.2022 (SUNDAY) | 1 DAY |
| 2. | Combined Geo-Scientist (Preliminary) Examination, 2022 | | | | |
| 3. | Reserved for UPSC RT/ Examination | | | 16.01.2022 (SUNDAY) | 1 DAY |
| 4. | Reserved for UPSC RT/ Examination | | | 20.02.2022 (SUNDAY) | 1 DAY |
| 5. | CISF AC(EXE) LDCE-2022 | 01.12.2021 | 21.12.2021 | 13.03.2022 (SUNDAY) | 1 DAY |
| 6. | Reserved for UPSC RT/ Examination | | | 13.03.2022 (SUNDAY) | 1 DAY |
| 7. | N.D.A. & N.A. Examination (I), 2022 | 22.12.2021 | 11.01.2022 | 10.04.2022 (SUNDAY) | 1 DAY |
| 8. | C.D.S Examination (I), 2022 | | | | |
| 9. | Civil Services (Preliminary) Examination, 2022 | 02.02.2022 | 22.02.2022 | 05.06.2022 (SUNDAY) | 1 DAY |
| 10. | Indian Forest Service (Preliminary) Examination, 2022 through CS(P) Examination 2022 | | | | |
| 11. | I.E.S./I.S.S. Examination, 2022 | 06.04.2022 | 26.04.2022 | 24.06.2022 (FRIDAY) | 3 DAYS |
| 12. | Combined Geo-Scientist (Main) Examination, 2022 | | | 25.06.2022 (SATURDAY) | 2 DAYS |
| 13. | Engineering Services (Main) Examination, 2022 | | | 26.06.2022 (SUNDAY) | 1 DAY |
| 14. | Reserved for UPSC RT/ Examination | | | 03.07.2022 (SUNDAY) | 1 DAY |
| 15. | Combined Medical Services Examination, 2022 | 06.04.2022 | 26.04.2022 | 17.07.2022 (SUNDAY) | 1 DAY |
| 16. | Central Armed Police Forces (ACs) Examination, 2022 | 20.04.2022 | 10.05.2022 | 07.08.2022 (SUNDAY) | 1 DAY |
| 17. | Reserved for UPSC RT/ Examination | | | 21.08.2022 (SUNDAY) | 1 DAY |
| 18. | N.D.A. & N.A. Examination (II), 2022 | 18.05.2022 | 14.06.2022 | 04.09.2022 (SUNDAY) | 1 DAY |
| 19. | C.D.S. Examination (II), 2022 | | | | |
| 20. | Civil Services (Main) Examination, 2022 | | | 16.09.2022 (FRIDAY) | 5 DAYS |
| 21. | Reserved for UPSC RT/ Examination | | | 09.10.2022 (SUNDAY) | 1 DAY |
| 22. | Indian Forest Service (Main) Examination, 2022 | | | 20.11.2022 (SUNDAY) | 10 DAYS |
| 23. | S.O./Steno (GD-B/GD-I) LDCE | 13.09.2022 | 04.10.2022 | 10.12.2022 (SATURDAY) | 2 DAYS |
| 24. | Reserved for UPSC RT/ Examination | | | 18.12.2022 (SUNDAY) | 1 DAY |

**Note 1: The dates of notification, commencement and duration of Examinations/ RTs are liable to alteration, if the circumstances so warrant.**
**Note 2: Civil Services (Main) Examination, 2021 will be conducted on 7, 8, 9, 15 & 16 January, 2022.**
**Note 3: Indian Forest Service (Main) Examination, 2021 to commence on 27.02.2022 and will continue for 10 days till 08.03.2022.**

**Candidates are advised to visit the Commission's website regularly for updates, detailed information, and frequently asked questions regarding the Commission's Examinations and Recruitments, as well as for making online applications and downloading e-admit cards and e-summon letters.**

**Government strives to have a workforce which reflects gender balance and women candidates are encouraged to apply.**
davp 55101/14/0001/2122


### ଷ୍ଟିମ୍ ଲୋକୋମୋଟିଭର ସୌନ୍ଦର୍ଯ୍ୟକରଣ

**ପୁରୀ,୩୧।୮**

ପୁରୀର ବିଏନ୍‌ଆର୍ ହୋଟେଲ ପରିସରସ୍ଥ ଶତାବ୍ଦୀର ପୁରୁଣା ହେରିଟେଜ୍ ଷ୍ଟିମ୍ ଲୋକୋମୋଟିଭ୍ ‘ପିଏଲ୍-୬୯୨’ ଇଞ୍ଜିନର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପୂର୍ବତଟ ରେଳପଥ ଦ୍ୱାରା କରାଯାଇଛି। ପରିବେଶ ଜନିତ ସମସ୍ୟା ଯୋଗୁ ଉକ୍ତ ଇଞ୍ଜିନ କଳଙ୍କି ଲାଗିଯାଇଥିଲା। ଇଞ୍ଜିନ ଛାତ ଓ ବଏଲର ଗୁମ୍ଫକ୍ଷୟ ହେବାକୁ ବସିଥିଲା। ଏହାର ମରାମତି ତଥା ରକ୍ଷଣାବେକ୍ଷଣ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଭିନ୍ନ ସ୍ତରରୁ ଦାବିପତ୍ର ଦିଆଯାଇଥିଲା। ମନ୍ତ୍ରୀ ଏହାର ପୁନଃ ମରାମତି ପାଇଁ ପଦକ୍ଷେପ ନେଇଥିଲେ। ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ ପକ୍ଷରୁ ବିଏନ୍‌ଆର୍ ହୋଟେଲ ଏହାର ପରିଚାଳନା ଦାୟିତ୍ୱ ନେଇଛି। ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଆଇଆର୍‌ସିଟିସି ନିକଟରେ ସମ୍ବଳ ଓ ବୈଷୟିକ ଜ୍ଞାନର ଅଭାବ ଥିବାରୁ ମରାମତି ତଥା ସୌନ୍ଦର୍ଯ୍ୟକରଣ ପାଇଁ ସଂସ୍ଥା ପୂର୍ବତଟ ରେଳପଥକୁ ଅନୁରୋଧ କରିଥିଲା। ଏ ବାବଦ ଖର୍ଚ୍ଚ ଆଇଆର୍‌ସିଟିସି ବହନ କରିବ। ହୋଟେଲ ମ୍ୟାନେଜମେଣ୍ଟ ଏବଂ ଆଇଆର୍‌ସିଟିସିର ଅନୁରୋଧ କ୍ରମେ ହେରିଟେଜ୍ ଷ୍ଟିମ୍‌ର ଆବଶ୍ୟକ ଅଂଶ ମରାମତି ପାଇଁ ପୂର୍ବତଟ ରେଳପଥ ପଦକ୍ଷେପ ନେଇଛି। ଏହି ଲୋକୋମୋଟିଭ୍ ପାରଳାଖେମୁଣ୍ଡି ମହାରାଜାଙ୍କ ଦ୍ୱାରା କ୍ରୟ କରାଯାଇଥିଲା। ଏହାକୁ ପାରଳାଖେମୁଣ୍ଡି ଲାଇଟ ରେଳବାଇ (ପିଏଲ୍‌ଆର୍) ପରିଚାଳନା କରୁଥିଲା। ପିଏଲ୍ କ୍ଲାସ୍ ଭାବେ ଜଣାଶୁଣା ପାରଳାଖେମୁଣ୍ଡି ଇଞ୍ଜିନ ୧୯୦୪ରେ କେର୍, ଷ୍ଟୁଆର୍ଟ ଏବଂ କମ୍ପାନୀ ଅଫ୍ ଇଂଲଣ୍ଡ ଦ୍ୱାରା ନିର୍ମିତ ହୋଇଥିଲା। ଏହି ‘ପିଏଲ୍-୬୯୨’ ଇଞ୍ଜିନର ଓଜନ ପ୍ରାୟ ୨୦ଟନ୍। ଏହି ଲୋକୋମୋଟିଭ୍ ନୌପଡ଼ା-ଗୁଣୁପୁର ରେଳ ସେକ୍ସନର ନ୍ୟାରୋ ଗେଜ୍‌ରେ ଚଳାଚଳ କରୁଥିଲା।


## RAVENSHAW UNIVERSITY
**(State University, Accredited with NAAC's 'A' Grade)**
**CUTTACK - 753003, ODISHA**

## U.G. ADMISSION ANNOUNCEMENT 2021-22

No. CAD-1045: Online Applications are invited for admission into the following **Under Graduate Programmes** for the session 2021-22: Botany, Zoology, Physics, Chemistry, Computer Science, Geography (Science & Arts), Geology, Economics (Science & Arts), Mathematics (Science & Arts), Statistics (Science & Arts), Commerce, Education, English, Hindi, History, Odia, Philosophy, Political Science, Psychology, Sanskrit, Sociology, Business Administration, Information Science & Telecommunication, Information Technology Management, Data Science Management and Journalism & Mass Communication.

**Integrated B.A. B.Ed. and B.Sc. B.Ed. Programmes** for the session 2021-22: Education, English, Odia, History, Political Science, Geography, Economics, Physics, Chemistry, Botany, Zoology and Mathematics.

Candidates are advised to visit the University website **"www.ravenshawuniversity.ac.in"** and log on to **'ADMISSION-21'** for complete information and admission prospectus including important dates, deadlines, fees, application procedures, eligibility and selection criteria.

Last date of online submission of application is extended upto 04.09.2021.

**No. 2625/ Dt.31.08.2021** **Chairperson, P.G. Council**
**Ravenshaw University**
OIPR-11008/11/0005/2122

**୫ ପ୍ରକଳ୍ପ ଉଦ୍‌ଘାଟିତ**

**କଟକ ଅଫିସ:** କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମଙ୍ଗଳବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଜୁଭବନ ପରିସରରେ ଥିବା ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ସହରର ସାଆନ୍ତସାହି ଚନ୍ଦନପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ଜଗତପୁର ଅଞ୍ଚଳରେ ଶିଶୁଉଦ୍ୟାନ, ମର୍କତନଗର ସେକ୍ଟର-୭ସ୍ଥିତ ଜୈବିକ ଖତ କାରଖାନା, ଚହଟା ନଗର ଲେନ୍‌ଠାରେ ଉଦ୍ୟାନ ଏବଂ ଥୋରିଆସାହିଠାରେ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟସଭା ସଦସ୍ୟ ସୁବାସ ସିଂ, ବିଧାୟକ ଚନ୍ଦ୍ରସାରଥି ବେହେରା, ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ସିଏମ୍‌ସି କମିଶନର ଅନନ୍ୟା ଦାଶ, ଅଜୟ ମହାନ୍ତି, ସେକ୍ରେଟାରି ଲତାଶ୍ରୀ ବାଗ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ରେ ପଞ୍ଚମୁଖୀ ହନୁମାନ ମନ୍ଦିର ଭଙ୍ଗାଯିବ

**କଟକ ସଦର,୩୧।୮(ଡି.ଏନ.ଏ):** କିଶନନଗର ତହସିଲ ଅନ୍ତର୍ଗତ ରଟିଲୋସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରକୁ ଆସନ୍ତା ୨ତାରିଖରେ ଭଙ୍ଗାଯିବ। ଏ ନେଇ କଟକ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ କମିଟି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ମନ୍ଦିର ଭାଙ୍ଗିବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହି କମିଟିରେ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ତହସିଲଦାର ସୁଚେତା ମହାପାତ୍ର, ଥାନା ଅଧିକାରୀ ସସ୍ମିତା ରଣା ସାମିଲ ଥିଲେ।

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**କଟକ ଅଫିସ,୩୧।୮:** କଟକରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମଙ୍ଗଳବାର ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ କାଠଯୋଡି ନଦୀକୂଳରେ ପୂଜାର୍ଚ୍ଚନା ସହ ମାଟି ଅନୁକୂଳ କରାଯାଇଛି। ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ କାଠଯୋଡି ନଦୀ ପଠାରେ ହୋମଯଜ୍ଞ କରାଯାଇଥିଲା। ପୂଜକ ଧରଣୀଧର ଶତପଥୀ, ଦୟାନିଧି ଆଚାର୍ଯ୍ୟ ପୂଜା ସମ୍ପନ୍ନ କରିଥିଲେ। ସେହିପରି ହରିପୁର ଦୋଳମୁଣ୍ଡାଇ ପୂଜା କମିଟି, ଚାନ୍ଦିନୀଚୌକ ପୂଜା କମିଟି, କାଠଗଡା ସାହି ପୂଜା କମିଟି, କଲେଜଛକ ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଇଥିଲା। କରୋନା କଟକଣା ମଧ୍ୟରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

### ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶିଶୁ ଭବନ ପରିଦର୍ଶନ

**କଟକ ଅଫିସ,୩୧।୮:** କୋଭିଡ୍ ମହାମାରୀର ତୃତୀୟ ଲହର ପ୍ରତି ସଜାଗ ପାଇଁ କଟକ ଭାଜପା ମହିଳା ମୋର୍ଚ୍ଚାର ପ୍ରତିନିଧିମାନେ ମଙ୍ଗଳବାର ଶିଶୁଭବନ ପରିଦର୍ଶନ କରିଥିଲେ। ପରେ ସୁପରିଣ୍ଟେଣ୍ଡେଣ୍ଟ ଡା. ଜ୍ଞାନେନ୍ଦ୍ର ବେହେରାଙ୍କୁ ଭେଟି ଅନେକ ବିଷୟରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଡା. ବେହେରା କହିଛନ୍ତି, ଶିଶୁଭବନରେ ୪୦ଟି ଜେନେରାଲ ଓ ୧୦ଟି ଆଇସିୟୁ ବେଡ୍ ରହିଛି। କଟକ ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରଶ୍ମିରେଖା ଦାସ, ଭି. ସ୍ୱାତୀ, ସଂଯୁକ୍ତା ମିଶ୍ର, ଅମ୍ବିକା ଦାସ, ମନୋରମା ଦାସ, କବିତା ଦାସଙ୍କ ସମେତ ଅନ୍ୟମାନେ ଶିଶୁଭବନ ପରିଦର୍ଶନ କରିଥିଲେ।

### ବାଇକ୍ ଧକ୍କାରେ ଯୁବକ ମୃତ

**ଆଠଗଡ଼,୩୧।୮(ସ୍ୱ.ପ୍ର.):** ଆଠଗଡ ଥାନା ଅନ୍ତର୍ଗତ ପାଟେଣିଗାଁ ଛକରେ ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସନ୍ତୋଷ କୁମାର ପ୍ରଧାନ। ସେ ସକାଳେ ରାସ୍ତା ପାର ହେଉଥିବାବେଳେ ଆଠଗଡରୁ ଭୁବନେଶ୍ୱର ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଆଠଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ସ୍ୱାୟତ୍ତ ଶାସନ ଦିବସ ପାଳିତ

**ବାଙ୍କୀ,୩୧।୮ (ସ୍ୱ.ପ୍ର.):** ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଙ୍ଗଳବାର ସ୍ୱାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଙ୍କୀ ଏନ୍‌ଏସିକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହ ଏନ୍‌ଏସି କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ସେବାମୂଳକ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ତହସିଲଦାର ସତ୍ୟରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିଲା। ପୂର୍ବତନ କାଉସିଲର ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

### କୃଷକଙ୍କୁ ଲାଠିଚାର୍ଜ ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ, ୩୧।୮:** ହରିୟାଣାର କର୍ନଲଠାରେ କୃଷକମାନଙ୍କ ଉପରେ ସ୍ଥାନୀୟ ପୋଲିସର ଲାଠିଚାର୍ଜ ପ୍ରତିବାଦରେ ଏସ୍‌ୟୁସିଆଇ(ସି) କଟକ ଜିଲା ପକ୍ଷରୁ ମଙ୍ଗଳବାର କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କର୍ନଲଠାରେ ଭାଜପାର ଏକ ସଭାକୁ ବିରୋଧ କରି କୃଷକମାନେ ଗତ ୨୮ରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବାବେଳେ ପୋଲିସ ଲାଠିଚାଳନା କରିଥିଲା। ଫଳରେ ବହୁ ସଂଖ୍ୟକ କୃଷକ ଆହତ ହେବା ସହ ଜଣଙ୍କର ମୃତ୍ୟୁ ଘଟିଥିଲା। ଲାଠିଚାର୍ଜ ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କୁ କଠୋର ଶାସ୍ତି ପ୍ରଦାନ, ମୃତକଙ୍କ ପରିବାରକୁ କ୍ଷତିପୂରଣ, ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

# ୪ କର୍ମଚାରୀଙ୍କ ହାତବାନ୍ଧି ଲୁଟ୍


ଜବତ ହୋଇଥିବା ଟଙ୍କା, ବନ୍ଧୁକ ଓ ଅନ୍ୟ ସାମଗ୍ରୀ।


ସିସିଟିଭିରେ କଏଦ ହୋଇଥିବା ଲୁଟ୍ ବେଳର ଦୃଶ୍ୟ।

**ଏସ୍‌ବିଆଇରେ ଡକାୟତି**
- ଅଭିଯୁକ୍ତଙ୍କୁ ଧରିଲେ ସ୍ଥାନୀୟ ଯୁବକ
- ୮ ଲକ୍ଷ ଟଙ୍କା, ୧ କିଲୋ ସୁନା ଅଳଙ୍କାର, ଗୋଟିଏ ବନ୍ଧୁକ ଓ ବାଇକ୍ ଜବତ

**ବାଲିଅନ୍ତା,୩୧।୮(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଧୀନ ଅଟଳାସ୍ଥିତ ପଞ୍ଚମୁଖୀ ଗ୍ରୀନ ଆପାର୍ଟମେଣ୍ଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖାର ମଙ୍ଗଳବାର ଏକ ବଡ଼ଧରଣର ଡକାୟତି ହୋଇଛି। ଜଣେ ଡକାୟତ ବ୍ୟାଙ୍କର ୪ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇ ୮ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ଖସି ପଳାଉଥିଲେ। ଏହି ସମୟରେ ସ୍ଥାନୀୟ ଯୁବକ ସାହସିକତା ଦେଖାଇ ଡକାୟତକୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଖବରପାଇ ପାହାଳ ଫାଣ୍ଡି ଓ ବାଲିଅନ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବାଲିଅନ୍ତା ପାଟଣା ଗ୍ରାମର ଉମାଶଙ୍କର ପରିଡ଼ା (୨୬)। ପୋଲିସ ତାଙ୍କଠାରୁ ଲୁଟ କରିଥିବା ୮ଲକ୍ଷ ଟଙ୍କା, ୧ କିଲୋ ଓଜନର ବନ୍ଧକ ଥିବା ସୁନାଅଳଙ୍କାର, ଦେଶୀ ବନ୍ଧୁକ ଓ ବାଇକ୍ ଜବତ କରିଛି। ପରେ ପାହାଳ ଫାଣ୍ଡି ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ବାଲିଅନ୍ତା ଥାନାଧିକାରୀ ଯୁବରାଜ ସ୍ୱାଇଁ ଓ ଏସିପି (ଜୋନ-୪) ରଜତ ରଏ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚୁରା କରୁଛି। ତେବେ ଲୋକଙ୍କ ମାଡ଼ରେ ଅଭିଯୁକ୍ତ ଉମାଶଙ୍କର ଆହତ ହୋଇଥିବାବେଳେ ଅଭିଯୁକ୍ତଙ୍କ ଆକ୍ରମଣରେ ସିକ୍ୟୁରିଟି ଗାର୍ଡ଼ ପ୍ରଶାନ୍ତ ବାରିକ ଓ ବ୍ୟାଙ୍କ କର୍ମଚାରୀ ହୃଦୟ ବେହେରା ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟାରେ ବ୍ୟାଙ୍କ ବନ୍ଦ ହେବା ସମୟରେ ହଠାତ୍ ଉମାଶଙ୍କର ଭିତରକୁ ଧସେଇ ପଶିଥିଲେ। ବ୍ୟାଙ୍କ କର୍ମଚାରୀମାନେ କିଛି ପଚାରିବା ପୂର୍ବରୁ ସେ ଏକ ବନ୍ଧୁକ ଦେଖାଇ ସମସ୍ତଙ୍କୁ ଭୟଭୀତ କରିଥିଲା। ବ୍ୟାଙ୍କ କର୍ମଚାରୀ ହୃଦୟ ବିରୋଧ କରିବାରୁ ଏକ ଛୁରିରେ ତାଙ୍କ ବେକକୁ ଆକ୍ରମଣ କରିଥିଲା। ପରେ ବ୍ୟାଙ୍କ ମ୍ୟାନେଜର ରେଣୁବାଳା ସେଠୀ, ଆକାଉଣ୍ଟାଣ୍ଟ ପିତାଞ୍ଜଳି ଖାକା, କ୍ୟାସିଅର ବିଶ୍ୱରଞ୍ଜନ ଭୋଇଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ପରେ ସେହି ୪ଜଣଙ୍କୁ ମ୍ୟାନେଜର ରୁମ୍‌ରେ ଭର୍ତ୍ତି କରି ଏକ ପ୍ଲାଷ୍ଟିକ ତାରରେ ସମସ୍ତଙ୍କୁ ହାତକୁ ବାନ୍ଧି ଦେଇ ବ୍ୟାଙ୍କ ଥିବା ସମସ୍ତ ଟଙ୍କା ଓ ଲକରରେ ଥିବା ସୁନାଅଳଙ୍କାର ଏକ ଏୟାର ବ୍ୟାଗରେ ଭର୍ତ୍ତି କରି ଖସିଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ କର୍ମଚାରୀ ହୃଦୟ ଚିତ୍କାର କରି ଯୁବକଙ୍କୁ ଧରିବାକୁ କହିଥିଲେ। ଗେଟ୍‌ରେ ଡ୍ୟୁଟି କରୁଥିବା ସିକ୍ୟୁରିଟି ଗାର୍ଡ ଅଭିଯୁକ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅଭିଯୁକ୍ତ ତାଙ୍କୁ ମାଡ଼ ମାରି ବାଇକ୍ ପାଖକୁ ଯିବାବେଳେ ରାସ୍ତାରେ କ୍ରିକେଟ ଖେଳୁଥିବା ଯୁବକମାନେ ଦେଖିଥିଲେ। ଫଳରେ ସେ ଭୟରେ ବ୍ୟାଗ ଧରି ରାସ୍ତାରୁ ବିଲ ଆଡ଼କୁ ଦୌଡ଼ି ଯାଇ ମଝିରେ ଲୁଚିଯାଇଥିଲା। ପରେ ଯୁବକମାନେ ଗୋଡ଼ାଇ ବିଲରେ ଖୋଜିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପାଇ ନ ଥିଲେ। ଫଳରେ ଆପାର୍ଟମେଣ୍ଟରେ ଲାଗିଥିବା ଏକ ସିସିଟିଭି ଫୁଟେଜରେ ଅଭିଯୁକ୍ତ ଲୁଚିଥିବା ସ୍ଥାନ ଦେଖି ଯୁବକମାନେ ଯାଇ ଧରି ମାଡ଼ ମାରିଥିଲେ।

## ଘରୋଇ କାରଖାନା ଗୋଦାମରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**କ୍ଷତିପୂରଣ ଆଶ୍ୱାସନା ପରେ ଉଠିଲା ମୃତଦେହ**

**ଟାଙ୍ଗୀ, ୩୧।୮(ଡି.ଏନ୍.ଏ.)**

କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବଇଁଚୁଆ ନିକଟ ଏକ ଘରୋଇ କାରଖାନା ଗୋଦାମରେ ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅସୁରେଶ୍ୱରସ୍ଥିତ କଟିକଟା ଗ୍ରାମର ଜ୍ଞାନରଞ୍ଜନ ବେହେରା(୪୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ କାରଖାନା ଗୋଦାମ ସମ୍ମୁଖରେ ମୃତଦେହ ରଖି ସ୍ଥାନୀୟ ଗ୍ରାମବାସୀ ଧାରଣାରେ ବସିଥିଲେ। ଖବରପାଇ ଟାଙ୍ଗୀ ଥାନା ଅଧିକାରୀ ସୂଚିତ୍ରବୀର୍ଯ୍ୟ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗୋଦାମ ଅଧିକାରୀଙ୍କ ସହିତ ଆଲୋଚନା ପରେ ମଧ୍ୟରାତ୍ରିରେ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ। ମୃତକଙ୍କ ଦୁଇ ନାବାଳିକା ଝିଅଙ୍କ ନାମରେ ୫ଲକ୍ଷ ଟଙ୍କା ଲେଖାଏ ସ୍ଥାୟୀ ଜମା ରଖିବା ସହିତ ମୃତକଙ୍କ ସ୍ତ୍ରୀଙ୍କୁ ଚାକିରି ଓ ଆବଶ୍ୟକ ଖର୍ଚ୍ଚ ନିମନ୍ତେ ୩୦ହଜାର ଟଙ୍କା ନଗଦ ଦେବାକୁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ବଇଁଚୁଆ ନିକଟରେ ଥିବା ହିନ୍ଦୁସ୍ଥାନ ଲିଭର ଗୋଦାମରେ କ୍ରେନ୍ ଅପରେଟର ଭାବେ କାର୍ଯ୍ୟରତ ଜ୍ଞାନ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଗୋଦାମ କାର୍ଯ୍ୟାଳୟରେ ଆଶୁ ଚିକିତ୍ସା ସୁବିଧା ନ ଥିବାରୁ ତାଙ୍କୁ ନିକଟସ୍ଥ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ପଠାଇଥିଲେ। କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଜ୍ଞାନଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକ ମୃତଦେହକୁ କାରଖାନା ଗୋଦାମ ନିକଟକୁ ଆଣି କ୍ଷତିପୂରଣ ଦାବିରେ ଧାରଣାରେ ବସିଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗର ୫ ଅଧିକାରୀଙ୍କ ଅବସର

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ, ଭୁବନେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତାପସ କୁମାର ସାହା, ସହକାରୀ ନିର୍ଦ୍ଦେଶକ (ଚଳଚ୍ଚିତ୍ର) ପ୍ରସନ୍ନ କୁମାର ବାରିକ, ଅନୁ ସଚିବ ଅଟଳ ବିହାରୀ ଦାସ, ଡାଏରୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ନାୟକ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଅପରାହ୍ନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଭାଗର କର୍ମଚାରୀ କଲ୍ୟାଣ କମିଟି ତରଫରୁ କୋଭିଡ୍ କଟକଣା ଅନୁପାଳନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଭାରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅଧ୍ୟକ୍ଷତା କରି ଅବସର ଗ୍ରହଣ ପରେ ସେବା ନିବୃତ୍ତ ହେଉଥିବା ଏହି ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ସରକାରୀ କାର୍ଯ୍ୟରେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିଥିବା ପ୍ରକାଶ କରିଥିଲେ। ଅବସର ଗ୍ରହଣ ପରେ ମଧ୍ୟ ସେମାନେ ସର୍ବଦା ଚଳଚଞ୍ଚଳ ରହିବାକୁ ପରାମର୍ଶ ଦେବା ସହ ସମସ୍ତଙ୍କ ଅବସରକାଳୀନ ସୁସ୍ଥ, ନୀରୋଗ, ଦୀର୍ଘ ଓ ଆନନ୍ଦମୟ ଜୀବନ କାମନା କରିଥିଲେ। ଅବସର ଗ୍ରହଣ କରିଥିବା ଏହି ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଗୀତା ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ବିଭାଗୀୟ ବିଭିନ୍ନ ଶାଖାର ଉପନିର୍ଦ୍ଦେଶକ, ଉପ ବିଭାଗୀୟ ଅଧିକାରୀ, ସୂଚନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ପାର୍ବଣ ଋତୁରେ ୪ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ ଓ ପରଦା ଆଢୁଆଳରେ ପୂଜାର୍ଚ୍ଚନାକୁ ବିରୋଧ କରି କଟକ ସାମାଜିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ବାଦାମବାଡି ଛକଠାରେ ଶାନ୍ତିପୂର୍ଣ୍ଣ ଧାରଣା।

## ଗଣେଶ ପୂଜା ପାଇଁ ସିଏମ୍‌ସିର ଗାଇଡ୍‌ଲାଇନ୍: ଶିକ୍ଷାନୁଷ୍ଠାନରେ ୨୦, ମଣ୍ଡପରେ ୭ ରହିବେ

**କଟକ ଅଫିସ, ୩୧।୮**

ଗଣେଶ ପୂଜା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମଙ୍ଗଳବାର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଗତବର୍ଷ ଭଳି ଚଳିତବର୍ଷ ସର୍ବସାଧାରଣ ଦର୍ଶନକୁ ବାରଣ କରାଯାଇଛି। ଆବଦ୍ଧ ପରିବେଶ ମଧ୍ୟରେ ପୂଜା ହେବ, ପୂଜା ପାଇଁ କମିଶନରେଟ୍ ପୋଲିସଠାରୁ ଅନୁମତି ନେବାକୁ ପଡିବ, ପୂଜା ମଣ୍ଡପରେ କର୍ତ୍ତା ଏବଂ ପୂଜକଙ୍କୁ ମିଶାଇ ୭ ଜଣ ଉପସ୍ଥିତ ରହିପାରିବେ। ଏଥିସହ ଶିକ୍ଷାନୁଷ୍ଠାନରେ ପୂଜାବେଳେ ୨୦ ଜଣ ଉପସ୍ଥିତ ରହିପାରିବେ ଓ ଚଳିତବର୍ଷ ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମଣ୍ଡପଗୁଡିକରେ ବାଦ୍ୟଯନ୍ତ୍ର ବାଜି ପାରିବ ନାହିଁ କି ଭୋଜି ଆୟୋଜନ କରାଯାଇପାରିବ ନାହିଁ ବୋଲି ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

**କଟକ ଅଫିସ,୩୧।୮**

କଟକ ଜିଲା ମାହାଙ୍ଗା ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି କଟକ ପୋକସୋ କୋର୍ଟ ମଙ୍ଗଳବାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ପ୍ରମୋଦ ବାରିକଙ୍କୁ ୧୦ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲ୍‌ରେ ରହିବାକୁ ପଡିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ୨୦୧୭ ଏପ୍ରିଲ ୧୧ ତାରିଖ ରାତିରେ ନାବାଳିକା ଜଣକ ଘର ଆଗରେ ଭାଗବତ ମେଳଣ ଦେଖୁଥିଲେ। ଏହି ସମୟରେ ଅଭିଯୁକ୍ତ ନାବାଳିକାଙ୍କୁ ଚକୋଲେଟର ଲୋଭ ଦେଖାଇ ଡାକିନେବା ପରେ ଗ୍ରାମ ନିକଟ ଶ୍ମଶାନ ପାଖରେ ବଳାତ୍କାର କରିଥିଲେ।

## ବେଆଇନ ଘେରିବନ୍ଧ ଉଚ୍ଛେଦ ଦାବିରେ ରାସ୍ତାରୋକୋ

**ସାଲେପୁର,୩୧।୮(ଡି.ଏନ୍.ଏ)**

ଗୋବରୀ ନଦୀରେ ବେଆଇନ ଘେରି ବନ୍ଧ ଉଚ୍ଛେଦ ଦାବିରେ ଚାଷୀମାନେ ଏକତ୍ରିତ ହୋଇ ସାଲେପୁର-କୁଆଁପାଳ ରାସ୍ତାର ରାଇସୁଙ୍ଗୁଡା ବଜାରରେ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ଗୋବରୀ ନଦୀର ତଳ ମୁଣ୍ଡରେ ବହୁ ସ୍ଥାନରେ ବେଆଇନ ଘେରି ବନ୍ଧ କରାଯାଇଛି। ଫଳରେ ଉପର ମୁଣ୍ଡର ପାଣି ନିଷ୍କାସନ ହୋଇ ପାରୁନାହିଁ। ଏଥିଯୋଗୁ ରାଇସୁଙ୍ଗୁଡା, ମିର୍ଜାପୁର, ସିଡୋ ସମେତ ୫ ପଞ୍ଚାୟତର ଶହ ଶହ ଏକର ଚାଷ ଜମିରେ ପାଣି ଜମି ରହୁଛି। ଫଳରେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ରାସ୍ତାରୋକୋ କରାଯାଇଛି। ଖବରପାଇ ଘଟଣାସ୍ଥଳରେ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ରାସ୍ତାରୋକୋ ପ୍ରତ୍ୟାହାର କରିଥିଲେ। ଏହି ଧାରଣାରେ ବେଣୁଧର ପ୍ରଧାନ, ସଞ୍ଜୟ କୁମାର ନାୟକ, ଚୌଧୁରୀ ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରମୋଦ ନାୟକଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

## ପ୍ରେସ୍ ଲେଖାଥିବା ଗାଡ଼ି ଯାଞ୍ଚ କରାଯିବ: ସିପି

**କଟକ ଅଫିସ,୩୧।୮**

ନକଲି ସାମ୍ବାଦିକଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ତେଣୁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରେସ୍ ଲେଖାଥିବା ଗାଡି ଯାଞ୍ଚ କରାଯିବ ବୋଲି ପୋଲିସ କମିଶନର (ସିପି) ସୌମେନ୍ଦ୍ର ପ୍ରିୟଦର୍ଶୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମନଇଛା ଗାଡ଼ିରେ ପ୍ରେସ୍ ଲେଖି ବୁଲୁଥିବା ନକଲି ସାମ୍ବାଦିକଙ୍କୁ ସାବାଡ଼ କରିବାକୁ କମିଶନରେଟ୍ ଯୋଜନା କରିଛି। ଗାଡ଼ିରେ ପ୍ରେସ୍ ଲେଖି ବୁଲୁଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଗଲେ ନକଲି ସାମ୍ବାଦିକ ଧରାପଡିବେ ବୋଲି ସିପି କହିଛନ୍ତି। ଗଣମାଧ୍ୟମର ଗାଡ଼ିକୁ ସାଧାରଣତଃ ସବୁ ସ୍ଥାନକୁ ଯିବାକୁ ଅନୁମତି ରହିଥାଏ। ଅଧିକାଂଶ ଗଣମାଧ୍ୟମର ଗାଡ଼ିକୁ ପୋଲିସ ଯାଞ୍ଚର ସାମ୍ନା କରିବାକୁ ପଡ଼ି ନ ଥାଏ। ସେଥିପାଇଁ ଗାଡ଼ିରେ ପ୍ରେସ୍ ଲେଖି ଅନେକ ସମୟରେ ଅସାମାଜିକ ବ୍ୟକ୍ତି ବୁଲୁଥିବା ଦେଖିବାକୁ ମିଳିଛି। ଏପରି କି କେତେଜଣ ଅପରାଧୀ ମଧ୍ୟ ତାଙ୍କ ଗାଡ଼ିରେ ପ୍ରେସ୍ ଲେଖି ଆପରାଧିକ ଷଡ଼ଯନ୍ତ୍ର କରିଥିବା ନଜିର ରହିଛି। ଲକ୍‌ଡାଉନ୍ ସମୟରେ ସାଧାରଣ ଲୋକେ ଗାଡ଼ିରେ ପ୍ରେସ୍ ଲେଖି ବୁଲାବୁଲି କରୁଥିବା ଘଟଣା ସାମ୍ନାକୁ ଆସିଥିଲା। ମାଲଗୋଦାମ ଥାନା ପୋଲିସ ମଙ୍ଗଳବାର ଜବତ କରିଥିବା ବାଇକ୍‌ଗୁଡିକରେ ମଧ୍ୟ ପ୍ରେସ୍ ଲେଖାଥିବା ଦେଖିବାକୁ ମିଳିଛି।

# କଟକଣା କୋହଳକୁ ସ୍ୱାଗତ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ଧିରେ ଧିରେ ହ୍ରାସ ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଙ୍ଗଳବାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏଥିରେ ଶଟ୍‌ଡାଉନ୍‌କୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯିବା ସହ କଟକଣାକୁ ଆହୁରି କୋହଳ କରାଯାଇଛି। ଏହାଦ୍ୱାରା ବ୍ୟବସାୟ, ବାଣିଜ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଠିକ୍ ଭାବେ ଚାଲିପାରିବ। ଏଥିସହ ଜୀବନ ଜୀବିକା ସ୍ୱାଭାବିକ ହୋଇପାରିବ ବୋଲି ଆଶା କରାଯାଉଛି। ତେବେ ଏସବୁ ଭିତରେ ତୃତୀୟ ଲହରକୁ ନେଇ କେଉଁଠି ନା କେଉଁଠି ଲୋକଙ୍କ ମନରେ ଭୟ ରହିଥିବା ଦେଖିବାକୁ ମିଳିଛି।

### ହଲ୍ ବ୍ୟବସାୟ ଏବେ ଅଣ୍ଟା ସଳଖିବାକୁ ଚେଷ୍ଟା କରିବ



ଡେରିରେ ହେଲେ ବି ରାଜ୍ୟ ସରକାର ଆମ ଦାବି ଗ୍ରହଣ କଲେ। ସେଥିପାଇଁ ଧନ୍ୟବାଦ। ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ ସପ୍ତାହାନ୍ତ ଶଟ୍‌ଡାଉନ୍ ହଟାଯିବା ସହ ଶତପ୍ରତିଶତ ଦର୍ଶକଙ୍କୁ ମଧ୍ୟ ଅନୁମତି ମିଳିଛି। ଦୀର୍ଘଦିନ ଧରି କ୍ଷତିରେ ଚାଲୁଥିବା ହଲ୍ ବ୍ୟବସାୟ ଏବେ ଅଣ୍ଟା ସଳଖି ଠିଆ ହେବାକୁ ଚେଷ୍ଟା କରିବ। ଆଗକୁ ଦଶହରା ଆସୁଥିବାରୁ ବ୍ୟବସାୟ ଭଲ ହେବା ନେଇ ଆଶା ରଖିଛୁ। ବିଶେଷକରି ଦଶହରା ଓ ରଜ ପର୍ବରେ ଦର୍ଶକମାନେ ଓଡ଼ିଆ ଚଳଚ୍ଚିତ୍ର ଦେଖିବାକୁ ପସନ୍ଦ କରିଥାନ୍ତି। ଏତେ କମ୍ ସମୟ ମଧ୍ୟରେ ନୂଆ ଓଡ଼ିଆ ଚଳଚ୍ଚିତ୍ର ଆସିବା ନେଇ ଟିକେ ସନ୍ଦେହ ରହିଛି। ତେବେ ପାର୍ବଣ ବେଳକୁ ନୂଆ ଚଳଚ୍ଚିତ୍ର ଆସିଲେ ହଲ୍ ଚାଲିବ।

**- ରବୀନ୍ଦ୍ର କୁମାର ସାହୁ, ମ୍ୟାନେଜର, ଶ୍ରୀୟା ଓ ସ୍ୱାତୀ ସିନେ କମ୍ପ୍ଲେକ୍ସ**

### ଏବେ ନିଜ ବ୍ୟବସାୟକୁ ବୁଡ଼ିବାରୁ ରକ୍ଷା କରିପାରିବୁ



ଗତ ୨ବର୍ଷ ହେବ ଆମେ ହାତବାନ୍ଧି ବସି ରହିଥିଲୁ। କହିବାକୁ ଗଲେ ଆମମାନଙ୍କ ଅବସ୍ଥା ଖରାପ ହୋଇଗଲାଣି। ଦୀର୍ଘ ଦିନ ପରେ ସରକାର ଆମ କଥାକୁ ବିଚାରକୁ ନେଇ ଏପରି ନିଷ୍ପତ୍ତି ନେଇଥିବାରୁ କୃତଜ୍ଞତା ଜଣାଉଛୁ। ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ୍‌କୁ ପାଳନ କରି କାମ କରିବୁ। ୨୫୦ଜଣ ଲୋକଙ୍କୁ ନେଇ ଆମ ବ୍ୟବସାୟ ଚାଲିବ। ଏହାଦ୍ୱାରା ଆମେ କିଛି ପରିମାଣରେ ହେଉ ପଛେ କର୍ମଚାରୀଙ୍କୁ ଚଳେଇପାରିବୁ ଓ ନିଜ ବ୍ୟବସାୟକୁ ବୁଡ଼ିବାରୁ ରକ୍ଷା କରିପାରିବୁ।

**- ବିନୟ ଭୂଷଣ ପଟ୍ଟନାୟକ, ସଭାପତି, ଅଲ୍ ଓଡ଼ିଶା କ୍ୟାଟରିଂ ଆସୋସିଏଶନ୍**

### କରୋନା ଆଳରେ ଆମ ଜୀବିକାକୁ ମାରିବା ଠିକ୍ ହେଉନାହିଁ



ନୂଆ ଗାଇଡ୍‌ଲାଇନ୍‌ରେ ହଲ୍, ମଲ୍ ସମ୍ପର୍କରେ କୁହାଯାଇଥିଲେ ହେଁ ଯାତ୍ରାକୁ ନେଇ କିଛି ଘୋଷଣା କରାଯାଇ ନାହିଁ। ପୂର୍ବରୁ ଯାତ୍ରାକୁ ଅନୁମତି ଦିଆଯାଇଥିଲେ ମଧ୍ୟ ରାତ୍ରି କର୍ଫ୍ୟୁ ପାଇଁ ଯାତ୍ରା କରିବା ସମ୍ଭବପର ହୋଇପାରି ନାହିଁ। ସେହିପରି ଏଥର ମଧ୍ୟ ରାତ୍ରି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ବଳବତ୍ତର ରଖାଯାଇଛି। ତେଣୁ ସହରାଞ୍ଚଳରେ ଯାତ୍ରା କରିବା ଆମ ପକ୍ଷେ ସମ୍ଭବପର ନୁହେଁ। କେବଳ ଗ୍ରାମାଞ୍ଚଳରେ ଯାତ୍ରା କରିବୁ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ପ୍ରଶାସନ ଅନୁମତି ଦେବାର ନିୟମ ରହିଛି। ଏଥିପାଇଁ ବହୁ ସମୟରେ ଆମକୁ ହଇରାଣ ହେବାକୁ ପଡୁଛି। ମାସେ କିମ୍ବା ବର୍ଷେ ପରେ କରୋନା ଯିବ ବୋଲି କେହି କହି ପାରିବେ ନାହିଁ। ତେଣୁ ଏହାକୁ ବାହାନା କରି ଜୀବିକାକୁ ମାରିବା ଠିକ୍ ହେଉନାହିଁ।

**- ବାପି ପଣ୍ଡା, ସମ୍ପାଦକ, ରାଜ୍ୟ କଳାକାର ମହାସଂଘ**

### ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ



ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦୀର୍ଘଦିନ ଧରି କରୋନା ପାଇଁ ବ୍ୟବସାୟୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସପ୍ତାହକୁ ୫ଦିନ ବ୍ୟବସାୟ ହୋଇ ଆଉ ୨ଦିନ ଶଟ୍‌ଡାଉନ ପାଇଁ ବନ୍ଦ ରହୁଥିଲା। ଏହାଦ୍ୱାରା ବ୍ୟବସାୟ ବାଧାପ୍ରାପ୍ତ ହେଉଥିଲା। ତେବେ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ। ଏବେ ଅବସ୍ଥା ସୁଧୁରିବ ବୋଲି ଆଶା କରାଯାଉଛି।

**- ପ୍ରଦ୍ୟୁମ୍ନ କୁମାର ଜେନା, ସଭାପତି, ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍, ୟୁନିଟ-୨**

### ସୁରକ୍ଷିତ ରହି ଜୀବିକା ଅର୍ଜନ ପ୍ରତି ଧ୍ୟାନ ଦେବା ଆବଶ୍ୟକ



ଆଗକୁ ତୃତୀୟ ଲହର ଆସିବ ବୋଲି ଆଶଙ୍କା କରାଯାଉଛି। ଏହା ମଧ୍ୟରେ ସରକାର ସମସ୍ତ କଟକଣାକୁ କୋହଳ କରିସାରିଲେଣି। ଏପରି ଅବସ୍ଥାରେ ସଂକ୍ରମଣର ଆଶଙ୍କା ଆହୁରି ବଢିଗଲାଣି। ତେବେ ଜୀବନ ସହିତ ଜୀବିକାକୁ ଗୁରୁତ୍ୱ ଦିଆଯିବା ମଧ୍ୟ ଆବଶ୍ୟକ। ତେଣୁ କରୋନା ଠାରୁ କିପରି ଦୂରେଇ ରହିବା ତାହା ଏବେ ନିଜର ଦାୟିତ୍ୱ। ସୁରକ୍ଷିତ ରହି କିପରି ଜୀବିକା ଅର୍ଜନ କରିପାରିବା ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ।

**- ଜଗଦାନନ୍ଦ ସେଠୀ, କର୍ମଜୀବୀ**

## ବଲରା-କୁଣ୍ଢେଇ ରାସ୍ତା ଅବସ୍ଥା ଶୋଚନୀୟ

କାକଟପୁର,୩୧।୮(ଡି.ଏନ୍.ଏ.)- କାକଟପୁରରୁ ବଲରା ଦେଇ ପୁରୀ ଯାଇଥିବା ମୁଖ୍ୟ ରାସ୍ତାର ବଲରାଠାରୁ କୁଣ୍ଢେଇ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଅନେକ ସ୍ଥାନରେ ଫାଟିଯିବା ସହ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଶତାଧିକ ଗାଡ଼ି ମୋଟର ଯାତାୟାତ କରିବା ସହ ଉକ୍ତ ରାସ୍ତାର ଦୁଇକଡ଼ରେ ଥିବା ଗ୍ରାମର ଲୋକେ ଯାତାୟାତ ପାଇଁ ନିର୍ଭର କରୁଥିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ରାସ୍ତାରେ ଦୁଇଟି ସାପ୍ତାହିକ ହାଟ ମଧ୍ୟ ପଡ଼ିଥାଏ। ଫଳରେ ବର୍ଷା ସମୟରେ ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଲୋକେ ଯିବାଆସିବା ବେଳେ ଜାଣିପାରି ଛୋଟ ବଡ଼ ଦୁର୍ଘଟଣା ହେଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ଏଭଳି ପରିସ୍ଥିତି ହୋଇଥିବା ଅଭିଯୋଗ ହୋଇଛି। ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ, କାକଟପୁର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।




୩୧।୦୮।୨୦୨୧

| | |
|---|---|
| ୧,୯୬,୪୨୭ ଟଙ୍କା | |
| ସୁନା | ୨.୬୦୦ ଗ୍ରାମ |
| ରୁପା | ୧୬.୫୦୦ ଗ୍ରାମ |

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଅସ୍ତରଙ୍ଗ,୩୧।୮(ଡି.ଏନ୍.ଏ.)- ଅସ୍ତରଙ୍ଗ ଥାନା ଅନ୍ତର୍ଗତ କନ୍ତପହଁରା ଗ୍ରାମର ରେବତୀ ନାୟକ(୪୯)ଙ୍କ ସାପ କାମଡ଼ାରେ ମଙ୍ଗଳବାର ମୃତ୍ୟୁ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୯/୨୧) ରୁଜୁ ହୋଇଛି। ରେବତୀ ସକାଳୁ ଗୋବର ନେଇ ରାସ୍ତା କଡରେ ପକାଇବାକୁ ଯିବା ସମୟରେ ଏକ ନାଗ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅଭିଯୋଗ ହୋଇଛି। ରେବତୀଙ୍କ ପରିବାରକୁ ସହାୟତା ପାଇଁ ଗ୍ରାମବାସୀ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଅବଗତ କରାଇଥିଲେ। ଏ ନେଇ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିବା ପରେ ସରକାରୀ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଭାରତୀୟ ମଜଦୁର ସଂଘର ପୁରୀ କମିଟି ଭଙ୍ଗ

ପୁରୀ ଅଫିସ,୩୧।୮ – ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ରାଜ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୨୪ଠାରୁ ପୁରୀ ଜିଲା ବିଏମ୍ଏସ୍ କମିଟିକୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ଭଙ୍ଗ କରାଯାଇଥିବା ସଂଘର ରାଜ୍ୟ କମିଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସଂଘର ରାଜ୍ୟ ଉପ ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି ଯେ, ପୁରୀ ଜିଲାର ବିଏସଏମ୍ ଟିମ୍‌କୁ ଭଙ୍ଗ କରାଗଲା। ତେଣୁ ଜିଲାରେ ଥିବା ସମସ୍ତ ସଙ୍ଗଠନ ସଦସ୍ୟା ସଦସ୍ୟ ରାଜ୍ୟର ନିଷ୍ପତ୍ତିକୁ ସମ୍ମାନ ଜଣାଇବା ସହ ଆଗାମୀ ନିଷ୍ପତ୍ତି ପର୍ଯ୍ୟନ୍ତ ସମସ୍ତେ ସଂଘକୁ ସହଯୋଗ କରିବାକୁ ମହାପାତ୍ର ଅନୁରୋଧ କରିଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲା ସଭାପତି ସୁଦର୍ଶନ ରାଉଳ ରାଜ୍ୟ ସଂଘର ନିଷ୍ପତ୍ତିକୁ ସମର୍ଥନ କରିବା ସହ ଜିଲାର ସମସ୍ତ ସଦସ୍ୟଙ୍କୁ ରାଜ୍ୟ କମିଟିର ନିଷ୍ପତ୍ତିକୁ ମାନିବାକୁ ଅନୁରୋଧ କରିଛନ୍ତି।

### ସ୍ଥିତିବାନ ଜମିରେ ସରକାରୀ ରାସ୍ତା ଅଭିଯୋଗ

ପିପିଲି,୩୧।୮(ସ୍ୱ.ପ୍ର.)- ପିପିଲି ଏନ୍ଏସିର ୧୧ନଂ ୱାର୍ଡରେ ନବନିର୍ମିତ କଂକ୍ରିଟ ରାସ୍ତା ଏକ ସ୍ଥିତିବାନ ଜମି ମଝିରେ ନିର୍ମାଣ କରାଯାଇଥିବା ନେଇ ଜମି ମାଲିକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ୱାର୍ଡ଼ ବାସିନ୍ଦା ଅବ୍ଦୁଲ ଜାହାଙ୍ଗୀରଙ୍କ ଅଭିଯୋଗ ଅନୁସାରେ ସେ ଭୁବନେଶ୍ୱରରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଜାହାଙ୍ଗୀର ଘରକୁ ଫେରି ଦେଖନ୍ତି ଯେ, ତାଙ୍କ ଅନୁପସ୍ଥିତିରେ ତାଙ୍କ ଜମି ମଝିରେ ପ୍ରଶାସନ ପକ୍ଷରୁ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଏ ନେଇ ସେ ବ୍ଲକ ଓ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କଲେ ନାହିଁ। ଶେଷରେ ନ୍ୟାୟ ପାଇଁ ଥାନାର ଆଶ୍ରୟ ନେଲେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପିପିଲି ବ୍ଲକ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ସାହୁ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଅନୁସନ୍ଧାନ ଚାଲିଛି। ରିପୋର୍ଟ ଆସିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନା ଅନୁସାରେ ପିପିଲି ବ୍ଲକ କର୍ତ୍ତୃପକ୍ଷ ଏନ୍ଏସିରେ ରାସ୍ତା, ଡ୍ରେନ ଆଦି ୯୪ଟି ପ୍ରକଳ୍ପ କାର୍ଯ୍ୟ କରୁଛନ୍ତି। ଏଥିନିମନ୍ତେ ୨କୋଟି ୩୭ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ହେଲେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଲୋକବଳ ଅଭାବ ଦର୍ଶାଇ ଏନ୍ଏସି କର୍ତ୍ତୃପକ୍ଷ ଏହି ଟଙ୍କା ପୁରୀ ଜିଲା ପ୍ଲାନିଂ ଓ ମନିଟରିଙ୍ଗ ୟୁନିଟକୁ ଫେରାଇ ଦେଇଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ କର୍ତ୍ତୃପକ୍ଷ ଏହି କାର୍ଯ୍ୟ କରୁଛନ୍ତି।

# ପୁରୀରେ ବ୍ରାଉନସୁଗାର କାରବାର ବଢୁଛି

- ବେପାରରେ ସାମିଲ ଯୁବପିଢ଼ି
- ସହରତଳି ଗାଁର ପ୍ରତି ଛକରେ ବେପାରୀ

ପୁରୀ ଅଫିସ,୩୧।୮:

ପୁରୀ ସହରରେ ଦିନକୁ ଦିନ ବ୍ରାଉନସୁଗାର ଓ କୋରେକ୍ସ ସେବନର ମାତ୍ରା ବଢ଼ିବାରେ ଲାଗିଛି। ହେଲେ ପୁରୀ ପୋଲିସ ବେପାରୀଙ୍କୁ ରୋକିବାରେ ସଫଳ ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଚଳିତବର୍ଷର ବ୍ରାଉନସୁଗାର ଓ କୋରେକ୍ସ ବେପାରୀଙ୍କୁ ଧରିବାର ସ୍ପେଶାଲ ଡ୍ରାଇଭ୍‌ରେ ଅଗଷ୍ଟ ମାସରେ ପୁରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କୋରେକ୍ସ ସେବନ ଓ ବିକ୍ରି ମାମଲାରେ ୧୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମାତ୍ର ୪ଜଣ ବ୍ରାଉନସୁଗାର ବେପାରୀ ଗିରଫ ହୋଇଥିବା ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢୁଥିବାରୁ ପୁରୀର ଯୁବପିଢ଼ି ସମ୍ପୂର୍ଣ୍ଣ ବିପଥଗାମୀ ହୋଇସାରିଲେଣି। ଏପରିକି ପରିବାର ଲୋକେ ବ୍ରାଉନସୁଗାର ସେବନ କରୁଥିବା ପିଲାଙ୍କୁ କାବୁ କରିପାରୁନାହାନ୍ତି। ଶ୍ରୀକ୍ଷେତ୍ର କଲୋନୀର ଜଣେ ଅଭିଭାବକ କହିଛନ୍ତି, ପୁଅ ବ୍ରାଉନସୁଗାର ସେବନ କରିବା ବିଷୟରେ ପ୍ରାୟ ୬ ମାସ ହେବ ଜାଣିଲାଣି। ସବୁ ପ୍ରକାର ଉଦ୍ୟମ ସତ୍ତ୍ୱେ ତାକୁ ରୋକିବା କଷ୍ଟକର ହୋଇପଡ଼ିଲା। ଶେଷରେ ପୁଅକୁ ଘରେ ବାନ୍ଧି ରଖିବା ସହ କିଛି ଦିନ ହେବ ନିଶା ନିବାରଣ କେନ୍ଦ୍ରରେ ଛାଡ଼ି ଆସିଛି। ମାସକୁ ୧୦ ହଜାର ଟଙ୍କା ଦେଇ ସେଠାରେ ରଖାଇଛି। କାହିଁକି ନିଶା ନିବାରଣ କେନ୍ଦ୍ରକୁ ଆଣିଲି ବୋଲି ମୋତେ ଅସଭ୍ୟ ଭାଷାରେ ପୁଅ ଗାଳି ଦେଉଛି। ପୁଅକୁ ଏତେ ଦୟନୀୟ ସ୍ଥିତିରେ କେବେ ଦେଖି ନ ଥିଲି। ପୋଲିସ ଚାହିଁଲେ ସବୁ କିଛି ହୋଇପାରନ୍ତା, ବ୍ରାଉନସୁଗାର ବିକ୍ରି ନ ହେଲେ ସମସ୍ତେ ବାଧ୍ୟ ହୋଇ ଏହାକୁ ଖାଇବା ଛାଡ଼ିବେ। ତେଣୁ ପୁରୀ ପୋଲିସ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବ୍ରାଉନସୁଗାର ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ପୁରୀରେ ବ୍ରାଉନସୁଗାର ଏବେ ଖୁଲମ୍‌ଖୁଲା ବିକ୍ରି ଚାଲିଛି। ପାନ ଦୋକାନଠାରୁ ଆରମ୍ଭ କରି ବାଇକ୍‌ରେ ବୁଲି ବେପାରୀ ପୁଡ଼ିଆ ଲଗେଇବାରେ ବ୍ୟସ୍ତ ଥିବାବେଳେ ପୁରୀ ପୋଲିସ ବିଭିନ୍ନ ଆଡ୍ଡାରେ ଚଢ଼ାଉ କରି ବ୍ରାଉନସୁଗାର ବେପାରୀଙ୍କୁ ଖୋଜୁଛି। ଏଥିରୁ ବଞ୍ଚିବା ପାଇଁ ବେପାରୀମାନେ ଏବେ ଫୋନ୍ କଲ୍ ଯୋଗେ ବ୍ରାଉନସୁଗାର ଗ୍ରାହକଙ୍କ ନିକଟରେ ପହଞ୍ଚାଉଛନ୍ତି। ଫୋନ୍ କରିବା ଦ୍ୱାରା ବେପାରୀ ପାଖକୁ ଆସି ବ୍ରାଉନସୁଗାର ଦେଉଛନ୍ତି। ପୋଲିସଠାରୁ ବର୍ତ୍ତିବା ପାଇଁ ପିଲାଙ୍କ ଜରିଆରେ ପୁଡ଼ିଆ କରି ବେପାର କରାଯାଉଛି। ଅନ୍ୟପକ୍ଷରେ ସହରତଳି ଅଞ୍ଚଳ ଯେପରି ଛଇତନା, ବାଲିଗୁଆଳି, ଚନ୍ଦନପୁର, କଣ୍ଟପୁର ଓ ଖଡ଼ିପଦା ଭଳି ଅଞ୍ଚଳରେ ଅଧିକ ବ୍ରାଉନସୁଗାର ବେପାର କରାଯାଉଥିଲେ ମଧ୍ୟ ପୋଲିସ ଜାଣିପାରୁ ନାହିଁ ବୋଲି ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି। ଏଥିପାଇଁ ପୁରୀ ପୋଲିସକୁ ଆହୁରି ସଜାଗ ହେବା ସହ କଡ଼ା ପାଟ୍ରୋଲିଂ କରିବାକୁ ହେବ ବୋଲି କହିଛନ୍ତି। ବ୍ରାଉନସୁଗାର ବିକ୍ରି ନେଇ ସୂଚନା ଥିଲେ ସାଧାରଣ ଲୋକେ ପୋଲିସକୁ ସୂଚନା ଦେବା ପାଇଁ ସେ ନିବେଦନ କରିଛନ୍ତି। ସେହିପରି ପୁରୀ ପୋଲିସ ଅଗଷ୍ଟରେ ପୁରୀ ସହରରେ ୨୮ଟି ଦାଦାବଟି ମାମଲାରେ ୪୯ ଜଣ, ବାଲି ଚୋରାଚାଲାଣ ମାମଲାରେ ୨୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


ପୁରୀ ନୀଳାଦ୍ରି ବିଚ୍ ପରିସରରେ ଅନୁଷ୍ଠିତ ଖେଳ ପ୍ରତିଯୋଗିତାରେ ପ୍ରତିଯୋଗୀ ମାଲଖୁମ୍ବ ପ୍ରଦର୍ଶନ କରୁଛନ୍ତି ।

# ମାଲଖମ୍ବ ପ୍ରତିଯୋଗୀ ଚୟନ ପ୍ରକ୍ରିୟା ଆରମ୍ଭ

## ୩୮ ପ୍ରତିଯୋଗୀ ଭାଗ ନେଲେ

ପୁରୀ ଅଫିସ,୩୧।୮:

ଖେଲୋ ଇଣ୍ଡଆ ୟୁଥ୍ ଗେମ୍ସ-୨୦୨୧ରେ ମାଲଖମ୍ବ ଖେଳ ସ୍ଥାନ ପାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏନେଇ ମଙ୍ଗଳବାର ଓଡ଼ିଶା ଷ୍ଟେଟ୍ ମାଲଖମ୍ବ ଆସୋସିଏଶନ ଦ୍ୱାରା ୧୮ବର୍ଷରୁ କମ୍ ବାଳିକା ଏବଂ ବାଳକ ମାଲଖମ୍ବ ପ୍ରତିଯୋଗୀ ଚୟନ କାର୍ଯ୍ୟକ୍ରମ ନୀଳାଦ୍ରି ବିଚ୍‌ରେ ପୁରୀ ମାଲଖମ୍ବ ଏକାଡେମୀ ଆନୁକୂଲ୍ୟରେ ଆରମ୍ଭ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ବାଳକ ବିଭାଗରେ ୨୧ ଏବଂ ବାଳିକା ବିଭାଗରେ ୧୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଳକ ବିଭାଗରେ ୧୨ ଓ ବାଳିକା ବିଭାଗରେ ୧୨ଜଣ ପ୍ରତିଯୋଗୀ ଖେଲୋ ଇଣ୍ଡଆ ୟୁଥ୍ ଗେମସ୍‌ର ପୂର୍ବ ପ୍ରସ୍ତୁତି ଶିବିରରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟେଟ୍ ଆସୋସିଏଶନର ରାଜ୍ୟ ସଭାପତି ସନ୍ତୋଷ ନାୟକ, ମୁଖ୍ୟ ଉପଦେଷ୍ଟା ଗୌରୀଶଙ୍କର ସିଂହାରୀ, କୋଷାଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି, ମଧୁସୂଦନ ରାୟ, ବାବୁଲା ବେହେରା, ଅଜିତ ସାମନ୍ତରାୟ, ବାମଦେବ ଦାସ, ପ୍ରଭାତୀଜେନା, ପ୍ରକାଶ ଗୋଛି, ଆର୍ଶୀବାଦ ମହାନ୍ତି, ବୀରଞ୍ଚି ପ୍ରଧାନ, ଏସ୍.ଏସ.ବି. ଜେନା, ବନ୍ଦନା ବେହେରା, ବିନୋଦିନୀ ପଟ୍ଟନାୟକ, ସନ୍ତୋଷ ସେନାପତି, ରବି ନାରାୟଣ ସାହୁ, କେଶବ ପ୍ରଧାନ, ରଘୁନାଥ ସାହୁ, ଅନୀଲ ପଟେଲ , ବ୍ରୀଜେଶ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି ସମ୍ପନ୍ନ


ନନ୍ଦ ଉତ୍ସବ ଅବସରରେ ରାଧାକାନ୍ତ ମଠ ପକ୍ଷରୁ ସଂକୀର୍ତ୍ତନ ମଣ୍ଡଳ ଓ ନନ୍ଦବେଶଧାରୀ ।

ପୁରୀ ଅଫିସ,୩୧।୮

ଭାଦ୍ରବ ମାସ କୃଷ୍ଣପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତି ପରେ ରାମକୃଷ୍ଣ ଓ ମଦନମୋହନ ଜଗମୋହନରେ ଥିବା ଦୋଳିକୁ ବିଜେ କରିଥିଲେ। ସକାଳ ଧୂପ ପରେ ପାଣିପକା ଭୋଗ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ମଇଲମ, ମହାସ୍ନାନ ପୂଜା, ଉଠା ମହାସ୍ନାନ ହୋଇ ନୂଆ ଲୁଗା ଲାଗି ହେବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡରେ ସର୍ବାଙ୍ଗ କରିଥିଲେ। ଠାକୁରମାନଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଓ କର୍ପୂର ଲାଗି କରାଯାଇଥିଲା। ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ଓ ମାର୍କଣ୍ଡି ପୂଜା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ସରି ଧୋପଖାଳ ଓ ମଙ୍ଗଳାର୍ପଣ ପରେ ତିନିବାଡ଼ରେ ବନ୍ଦାପନା କରାଯାଇଥିଲା। ଭଣ୍ଡାର ଘରୁ ଦୁର୍ଗା ମୂର୍ତ୍ତିଙ୍କୁ ପତିମହାପାତ୍ର ବିଜେ କରାଇବା ପରେ ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ପୂଜାପଣ୍ଡା ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ଦୁର୍ଗାଙ୍କୁ ଜଗମୋହନର ଦୋଳି ଆଗରେ ଥିବା ଖଟୁଲିରେ ବିଜେ କରାଯାଇଥିଲା। ଏଠାରେ ମହାସ୍ନାନ ଓ ଶୀତଳ ଭୋଗ ପରେ ବନ୍ଦାପନା ହୋଇ ଦୁର୍ଗାଙ୍କୁ ସାତ ପାହଚ ଦ୍ୱାରରେ ଡମ୍ଫରୁ ଉପରେ ବିଜେ କରାଯାଇଥିଲା। ଏଠାରେ ବିଜୁଳି କନ୍ୟାନୀତି ଅନୁଷ୍ଠିତ ହୋଇଥିଲା। ପରେ ଦେବୀଙ୍କର କର୍ପୂର ଆଳତି କରାଯାଇ ଭଣ୍ଡାରକୁ ବାହୁଡ଼ା ବିଜେ କରାଯାଇଥିଲା। ସେହିପରି ରାମକୃଷ୍ଣ ଓ ମଦନମୋହନଙ୍କୁ ଖଟ ଉପରେ ବିଜେ କରାଯାଇଥିଲା। ଏଠାରେ ମାଜଣା ଓ ମାଳଫୁଲ ଲାଗି ପରେ ଦିଅଁଙ୍କୁ ସାତପାହାଚ ଦ୍ୱାରଠାରେ ପାଲିଙ୍କିରେ ବସାଇ ଲକ୍ଷ୍ମୀ ମନ୍ଦିର ଜଗମୋହନ ଖଟ ଉପରେ ବିଜେ କରାଯାଇଥିଲା। ପରେ ଭିତରଚ୍ଛ ମହାପାତ୍ର (ନନ୍ଦ ରାଜା)ରୂପରେ ରାଜାଙ୍କ ନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଏହାପରେ ଲେଙ୍କା ଗୋଟିଏ ଦୁହାଁଳିଆ ଗାଈ ଲକ୍ଷ୍ମୀ ମନ୍ଦିର ପାଖକୁ ଆଣିଥିଲେ। ଭରଡିଆ ଗୌଡ଼ ପୁତ୍ରଜନ୍ମ ସୁସମ୍ବାଦ ନନ୍ଦରାଜାଙ୍କୁ (ଭିତରଚ୍ଛଙ୍କୁ) ଦେଇଥିଲେ ଓ ନନ୍ଦରାଜାଙ୍କ ଲୁଗା ଫେରକୁ ଟାଣି ଟାଣି ଲକ୍ଷ୍ମୀଙ୍କ ମନ୍ଦିରକୁ ନେଇଥିଲେ। ସେଠାରେ ନନ୍ଦ ରାଜା ଗୋଦୋହନ କରି ରୂପା ପିଙ୍ଗଣରେ ଦୁଇ ଠାକୁରଙ୍କୁ କ୍ଷୀର ସମର୍ପଣ ଓ ପ୍ରସାଦ ଲାଗି କରାଇଥିଲେ। ପରେ ରାଶିକୋରା ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନନ୍ଦରାଜା ପୁତ୍ରମାନଙ୍କୁ ଧରି ଜଗମୋହନର ଦୋଳାରେ ବିଜେ କରାଇଥିଲେ। ପରେ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣଘରକୁ ବାହୁଡ଼ା ବିଜେ କରିଥିଲେ। ନନ୍ଦୋତ୍ସବ ନୀତି ସମ୍ପନ୍ନ ପରେ ଅନ୍ୟାନ୍ୟ ନୀତି ବଢିଥିଲା।

# ଦର୍ଶନରେ କଟକଣା କୋହଳ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ପୁରୀ ଅଫିସ,୩୧।୮:

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଦର୍ଶନ କଟକଣାକୁ କୋହଳ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖାଯାଇଛି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେଲେ କୋଭିଡ୍ ଡବଲ୍ ଡୋଜ୍ କିମ୍ବା ଆରଟି-ପିସିଆର୍ ନେଗେଟିଭ୍ ରିପୋର୍ଟ (୯୬ ଘଣ୍ଟା ମଧ୍ୟରେ) ଦେଖାଇବାକୁ ପଡୁଛି। ହେଲେ ଓଡ଼ିଶାର ୩ ଭାଗରୁ ଭାଗେ ଲୋକ ପ୍ରଥମ୍ ଡୋଜ୍ ଓ ୧୦ ଭାଗରୁ ଭାଗେ ଲୋକେ ୨ୟ ଡୋଜ୍ ନେଇଛନ୍ତି। ଅର୍ଥାତ୍ ଟିକାକରଣ ଉଲ୍ଲେଖନୀୟ ଭାବେ ହୋଇ ନାହିଁ। ଏଭଳି ସ୍ଥଳେ କେତେଜଣ ସୀମିତ ଲୋକଙ୍କୁ ଦର୍ଶନ ଅନୁମତି ଦେବା କେତେ ଦୂର ଯଥାର୍ଥ। ସେହିଭଳି ପୁରୀ ସହରର ପ୍ରାୟ ୨୦ ହଜାର ଲୋକ ପ୍ରତ୍ୟହ ମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି। ଏଭଳିସ୍ଥଳେ ପ୍ରତି ୪ ଦିନରେ ଥରେ ରିପୋର୍ଟ ପ୍ରସ୍ତୁତ କରିବା ସେମାନଙ୍କ ପାଇଁ ଏକ ଖର୍ଚ୍ଚାନ୍ତର ପ୍ରସଙ୍ଗ ଅଟେ। ଟିକାକରଣକୁ ତ୍ୱରିତ ନ କରି ସାଧାରଣ ଲୋକଙ୍କୁ ରୋକିବା ନିହାତି ପକ୍ଷେ ଏକ ଅନ୍ୟାୟ। ପ୍ରଶାସନ ଶ୍ରୀମନ୍ଦିର ଦର୍ଶନ ପାଇଁ ରଖିଥିବା କଟକଣାକୁ ତୁରନ୍ତ କୋହଳ କରାଗଲେ ସାଧାରଣ ଜନତା ଉପକୃତ ହେବା ସହ ଶ୍ରୀମନ୍ଦିରରେ ଦର୍ଶନ କରିବାର ସୁଯୋଗ ସମସ୍ତ ଭକ୍ତଙ୍କୁ ମିଳିପାରିବ ବୋଲି ବରାଳ ଚିଠିରେ ଉଲ୍ଲେଖ କରିଛନ୍ତି।

# ଲୋକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଅ: ଏମ୍‌ପି

ଗୋପ ବ୍ଲକର ସମୀକ୍ଷା ବୈଠକ

ଗୋପ,୩୧।୮(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କ ସମସ୍ୟା ସବୁ ସମୟରେ ରହିଛି। ୨୦୦୧ ମସିହାଠାରୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ସବୁବେଳେ ଗ୍ରାମାଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଇ ଆସିଛନ୍ତି। ଏହିସବୁ ବିକାଶର କାର୍ଯ୍ୟକୁ ବିଭିନ୍ନ ବିଭାଗର ଅଧିକାରୀମାନେ ଦେଖୁଛନ୍ତି। ତେଣୁ ସାଧାରଣ ଲୋକଙ୍କ ସମସ୍ୟା ଆସିଲେ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଏହାର ସମାଧାନ କରନ୍ତୁ ବୋଲି ପୁରୀ ଏମ୍‌ପି ପିନାକୀ ମିଶ୍ର ଗୋପ ବ୍ଲକ ସଭାଗୃହରେ ମଙ୍ଗଳବାର ଆୟୋଜିତ ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କୁ କହିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକ, ଜ୍ୟୋତି ରଞ୍ଜନ ନାୟକ, ବିଡିଓ ଦୀପ୍ତିରାଣୀ ଦାସ, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଉପସ୍ଥିତ ଥିଲେ। ଏମ୍‌ପି ମିଶ୍ର ବ୍ଲକରେ ପହଞ୍ଚିବା ପରେ ପ୍ରଥମ କରି ବ୍ଲକକୁ ଆସିଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏମ୍‌ପିଙ୍କ ହାତପାଣ୍ଠିରେ ହୋଇଥିବା କାର୍ଯ୍ୟ ଠିକ ଭାବେ କରାଯାଇଥିବା ସହ ସାଧାରଣ ଲୋକେ ଏହାର ସୁଫଳ ପାଇଥିବାରୁ ଏମ୍‌ପି ଖୁସିବ୍ୟକ୍ତ କରିଥିଲେ। ପରେ ବ୍ଲକର ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଫନୀ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏମ୍‌ପି ଏରବଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି କେତେକ ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ। ଏହି ଅବସରରେ ଗୋପ ବ୍ଲକ ସଭାଗୃହରେ ଆୟୋଜିତ ସଭାରେ ସରକାରୀ ଯୋଜନା ସମ୍ପର୍କରେ ବିଭିନ ତଥ୍ୟ ରଖିଥିବା ବେଳେ ୫-ଟି ଆଧାରରେ କାର୍ଯ୍ୟ କରିବାକୁ ପ୍ରଶାସନିକ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରେସ କ୍ଲବ ଗୋପ ପକ୍ଷରୁ ଏମ୍‌ପି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ମନ୍ତ୍ରୀଙ୍କ ଜରୁରୀ କାର୍ଯ୍ୟ ଥିବାରୁ କିଛି ସମୟ ପରେ ଚାଲିଯାଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଶୁଭଶ୍ରୀ ନାୟକ, ଶୁଭଶ୍ରୀ ଦାସ, ସମିତିସଭ୍ୟ ସୁମନ୍ତ ବେହେରା, ଅମ୍ଲାନ ପାଣିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ ଓ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଏମ୍‌ପି ପିନାକୀ ମିଶ୍ର ଓ ଅନ୍ୟ ଅତିଥିମାନେ ।

# ଶ୍ରୀ ବଖରା ଜଳିଗଲା

ନିମାପଡା,୩୧।୮(ଡି.ଏନ.ଏ):

ନିମାପଡା ଥାନା ଅନ୍ତର୍ଗତ ରେଞ୍ଚ ଶାସନ ପଞ୍ଚାୟତର ବ୍ରାହ୍ମଣପଡା ବେହେରାସାହି ଗ୍ରାମରେ ମଙ୍ଗଳବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୋପକୃଷ୍ଣ ବେହେରା ଓ ଗତିକୃଷ୍ଣ ବେହେରା ପ୍ରମୁଖ ଦୁଇ ପରିବାରର ୩ ବଖରା ନିଆଁରେ ପୋଡି ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଧାନ, ଚାଉଳ, ଲୁଗାପଟା, କାଠ ସାମଗ୍ରୀ ଆଦି ଲକ୍ଷାଧିକ ଟଙ୍କାର ବିଭିନ୍ନ ଆସବାବପତ୍ର ଜଳିଯାଇଛି। ଖବରପାଇ ନିମାପଡା ଅଗ୍ନିସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଡିବିରି ଆଲୁଅରୁ ନିଆଁଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ୍ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି ।

# ଅଧ୍ୟାପକ ସୁବାସଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ ପ୍ରଦାନ

ପୁରୀ ଅଫିସ, ୩୧।୮

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ କଲେଜରେ ମଙ୍ଗଳବାର ଅଧ୍ୟାପକ ସୁବାସଚନ୍ଦ୍ର ଶତପଥୀଙ୍କର ଅବସରକାଳୀନ ସ୍ମୃତି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବେଦଭବନର ଅଧ୍ୟକ୍ଷ ଅରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟାପକ ସୁବାସଙ୍କର ଅଧ୍ୟାପକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଶତପଥୀ ଦୀର୍ଘ ୩୪ ବର୍ଷ କାଳ କଲେଜରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଥିବା ସହିତ ପରିଚାଳନା ସମିତିର ସଦସ୍ୟ ଥିଲେ। ତାଙ୍କର ଅଧ୍ୟାପକ ଜୀବନ ମଧ୍ୟରେ ଜଣେ କୁଶଳୀ ଅଧ୍ୟାପକ ଏବଂ ଏନ୍ଏସ୍ଏସ୍‌ର ସର୍ବଭାରତୀୟ ସ୍ତରର ଜଣେ ପ୍ରୋଗ୍ରାମ ଅଧିକାରୀ ଭାବରେ ଦାୟିତ୍ୱ ସୁଚାରରୂପେ ସମ୍ପାଦନ କରିଛନ୍ତି। ଏହି ଅବସରରେ ଅଧ୍ୟାପକ ଶତପଥୀଙ୍କୁ ଛାତ୍ରୀଛାତ୍ରମାନଙ୍କ ତରଫରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମର ସଂଗ୍ରାମ, କାହ୍ନୁଚରଣ, ସୁରଭି, ଲକ୍ଷ୍ମୀନାରାୟଣ, ଓମ୍ ଏବଂ ଦୀପକ ପ୍ରମୁଖ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ।


ପୁରୀ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟାପକ ସୁବାସ ଚନ୍ଦ୍ର ଶତପଥୀଙ୍କୁ ଅତିଥିଙ୍କ ପକ୍ଷରୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଉଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଶହୀଦ ଭବନ

- ଫନୀ ବାତ୍ୟାରେ ଭାଙ୍ଗିଯାଇଥିଲା
- ଦେଢ଼ବର୍ଷ ତଳେ ପୁନରୁଦ୍ଧାର ପାଇଁ ହୋଇଥିଲା ଶିଳାନ୍ୟାସ

ନିମାପଡ଼ା,୩୧।୮(ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ଓ ସାଧନା ପୀଠ ପୁରୀ ଜିଲା ନିମାପଡ଼ାରେ ଥିବା ଶହୀଦ ଭବନ ଆଜି ଭଗ୍ନ, ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଯଦି ଖୁବଶୀଘ୍ର ଏହାର ପୁନରୁଦ୍ଧାର କରା ନ ଯାଏ, ତେବେ ନିମାପଡ଼ା ମାଟିର ଏହି ମହାନ୍ କୀର୍ତ୍ତିରାଜିଟି ଲୀନ ହୋଇଯିବାର ଆଶଙ୍କା ଦେଖାଦେଇଛି। ଏହି ଭବନର ପରିତ୍ୟକ୍ତ ଅବସ୍ଥାକୁ ଦେଖିଲେ ଆଜି ବି ଜୀବିତ ଥିବା ନିମାପଡ଼ାର କେତେଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖିରୁ ଲୁହ ଆସିଯାଉଛି। ଆମ ଦେଶ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ନିମାପଡ଼ା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନେ ଏହି ସାଧନା ପୀଠରେ ବସି ଅନେକ ସ୍ୱପ୍ନ ଦେଖିଥିଲେ। ଇଂରେଜମାନଙ୍କୁ ଦେଶରୁ ହଟାଇବାକୁ ଅନେକ ପରିକଳ୍ପନା ଓ ଖସଡ଼ା ପ୍ରସ୍ତୁତ କରି ସଂଗ୍ରାମୀମାନେ ଲଢ଼େଇ କରିଥିଲେ। ଏବେ ଶ୍ରୀହୀନ ହୋଇପଡ଼ିଥିବା ସଂଗ୍ରାମୀମାନଙ୍କ ସାଧନା ପୀଠ ଶହୀଦ ଭବନ ଆଜି ବି ସ୍ୱାଧୀନତା ଆନ୍ଦୋଳନର ଗାଥା ଗାଉଛି। ଏହି ପୀଠକୁ ବିଗତ ଦିନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ବିଜୟଲକ୍ଷ୍ମୀ ପଣ୍ଡିତ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ, ପଦ୍ମଚରଣ ସାମନ୍ତ ସିଂହାର, ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକଙ୍କ ସମେତ ବହୁ ସଂଗ୍ରାମୀ ଏହି ପୀଠକୁ ପରିଦର୍ଶନ କରି ବହୁ ଯୋଜନା ପ୍ରସ୍ତୁତ କରିଥିବାର ନଜିର ରହିଛି। ଏହି ସଂଗ୍ରାମୀ ଭବନଟି ୧୯୯୯ ମସିହା ମହାବାତ୍ୟାରେ ଭାଙ୍ଗିରୁଜି ଯାଇଥିବାବେଳେ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତ ଏହାର ପୁନରୁଦ୍ଧାର କରିଥିଲେ। ହେଲେ ପୁନଶ୍ଚ ଗତ ଫନୀରେ ଏହି ଭବନଟି ଭାଙ୍ଗିରୁଜି ଯାଇଥିବାବେଳେ ମରାମତି କରାଯାଇ ନ ଥିବାରୁ ଭଗ୍ନାବସ୍ଥାରେ ପଡ଼ିରହିଛି। ଏ ଦିଗରେ ରାଜ୍ୟ ସରକାର କି ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନାହିଁ କି ପୁନରୁଦ୍ଧାର କରାଯାଉ ନ ଥିବାରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ, ଉତ୍ତରାଧିକାରୀ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗତ ଦେଢ଼ ବର୍ଷ ତଳେ ଏହି ପୀଠର ପୁନରୁଦ୍ଧାର କରାଯାଇ ପୀଠକୁ ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକ ମେମୋରିଆଲ ସଂଗ୍ରାମୀ ଭବନ ସଂଗ୍ରହାଳୟ ନିର୍ମାଣ କରାଯିବାକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ଉପସ୍ଥିତିରେ ଶିଳାନ୍ୟାସ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟର ଆରମ୍ଭ ମଧ୍ୟ ହୋଇପାରି ନାହିଁ। ଏ ସମ୍ପର୍କରେ ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତିଙ୍କୁ ପଚାରିବାରେ ଗାନ୍ଧିଜୀଙ୍କ ପରିକଳ୍ପିତ କାର୍ଯ୍ୟ ପାଇଁ ସେହି ଡାଆଁରେ ଏକ ପକ୍କାଗୃହ ନିର୍ମାଣ ପାଇଁ ପ୍ଲାନ ପ୍ରସ୍ତୁତ ସରିଛି। ଏହି ଡାଆଁରେ ଭବନଟି ନିର୍ମାଣ କରିବାକୁ ଶହୀଦ ସ୍ମୃତି ସଂସଦର ପୂର୍ବତନ ସଭାପତି ସ୍ୱର୍ଗତ ଭବାନୀ ପଟ୍ଟନାୟକଙ୍କ ଇଚ୍ଛା ଥିଲା। ତେଣୁ ତାଙ୍କ ଇଚ୍ଛା ପୂରଣ ପାଇଁ ସେହି ଡାଆଁରେ ଭବନଟି ନିର୍ମାଣ କରାଯିବା ଆବଶ୍ୟକ ବୋଲି ସମ୍ପାଦକ ସେନାପତି କହିଛନ୍ତି। ସେହିପରି ଶହୀଦ ସ୍ମୃତି ସଂସଦ ସଭାପତି ତଥା ଗଣଶିକ୍ଷା ମନ୍ତ୍ରୀ ଦାଶ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ଏହି ସଂଗ୍ରାମୀ ଭବନ ଓ ସଂଗ୍ରହାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପକ୍ଷେ ଏହି ଐତିହ୍ୟ କୀର୍ତ୍ତିରାଜିର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବାକୁ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଗଠନର ସମ୍ପାଦକ ଅଭିମନ୍ୟୁ ମଲ୍ଲିକ ଦାବି କରିବା ସହ ଏ ନେଇ ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।


ଭାଙ୍ଗି ପଡିଥିବା ସାଧନା ପୀଠ ଶହୀଦ ଭବନ ।

